

ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ ।
- ବ୍ୟାସଦେବ



ହଜାରେ ଶବ୍ଦର ବ୍ୟବହାର କରି ଯେଉଁ କଥା କହି ହୁଏନା ତାହା ଗୋଟିଏ ଫଟୋ ଅତି ସହଜରେ ବର୍ଣ୍ଣନା କରିପାରେ। ସେଥିପାଇଁ କଥାରେ ଅଛି 'ଏ ଫଟୋଗ୍ରାଫ୍ ସିକ୍ସ ଏ ଥାଉଜାଣ୍ଡ ୱାର୍ଡସ୍' ବା ଗୋଟିଏ ଫଟୋଚିତ୍ର ହଜାରେ ଶବ୍ଦ କହିପାରେ। ଜୀବନ ସାରା ସାଇତି ରଖିବା ପାଇଁ ଏହା ଆମକୁ ଅନେକ ସ୍ମୃତି ଦେଇଥାଏ। ସେହିଭଳି ଫଟୋଗ୍ରାଫି କାହା ପାଇଁ ଏକ ନିଶା ତ କାହା ପାଇଁ ପେସା ହୋଇଥାଏ। ଡିଜିଟାଲ ଓ ସ୍ମାର୍ଟଫୋନ ଯୁଗରେ ସମସ୍ତେ ଆଜିକାଲି ଜଣେ ଜଣେ ଫଟୋଗ୍ରାଫର ହେଲେ ବି ଏହା ଏଭଳି ଏକ କଳା ଯେଉଁଥିରେ ଆବଶ୍ୟକ ହୋଇଥାଏ ଆବେଗ, ଉତ୍କଣ୍ଠା, କୌତୂହଳ ଓ ସୃଜନଶୀଳତାର ମିଶ୍ରିତ ପ୍ରତିଫଳନ। ଫଟୋଗ୍ରାଫି ମଣିଷ ମନକୁ ଦେଇଥାଏ ଅପାର ଆନନ୍ଦ। ଫଟୋକୁ ସାଇତି ରଖିଥିବା ମଣିଷ ହେଉ କି ଫଟୋର ସେହି ସୁନ୍ଦର ମୁହୂର୍ତ୍ତକୁ ଠିକ୍ ସମୟରେ ନିଜ କ୍ୟାମେରା ଲେନ୍ସରେ ତୋଳି ଧରିଥିବା ମଣିଷ ହେଉ, ସମସ୍ତଙ୍କ ପାଇଁ ଏକ ଫଟୋଚିତ୍ରର ମହତ୍ତ୍ୱ ବେଶ୍ ଗୁରୁତ୍ୱପୂର୍ଣ୍ଣ। ସୋମବାର ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ଫଟୋଗ୍ରାଫିର କେତେକ ଭିନ୍ନ ଦିଗକୁ ନେଇ ଆମର ସ୍ୱତନ୍ତ୍ର ଉପସ୍ଥାପନା।

୧୯ ଅଗଷ୍ଟ

## ବିଶ୍ୱ ଫଟୋଗ୍ରାଫି ଦିବସ





▲ ମୋବାଇଲ୍ ଫୋନ୍‌ରେ ଉଠାଯାଇଥିବା ଭଲ ଫଟୋ।

# ଫଟୋ କହେ ହଜାରେ ଶବ୍ଦ

### ଅତ୍ୟାଧୁନିକ ଟେକ୍ନୋଲୋଜି ଓ ନୂତନ ଯନ୍ତ୍ରପାତି

ଅତ୍ୟାଧୁନିକ ଟେକ୍ନୋଲୋଜି ଦିନକୁ ଦିନ ଫଟୋ ଓ ଫଟୋଗ୍ରାଫିକୁ ନୂଆ ଦିଶା ଦେଉଛି। କେବଳ ଷ୍ଟିଲ୍ ଫଟୋ ଉଠାଇବାରେ ସୀମିତ ଥିବା କ୍ୟାମେରା ଏବେ ଭିଡିଓ ରେକର୍ଡିଂରୁ ଆରମ୍ଭକରି ଫଟୋ ଶେୟାରିଂ ଓ ଏଡିଟିଂ ଭଳି ଅପସନ୍ ଯୋଗାଇଦେଉଛି। ଅଧିକାଂଶ ହାଇଏଣ୍ଡ୍ କ୍ୟାମେରାରେ ଆଜିକାଲି ଫଟୋ ଉଠାଇବା ସହ ଏଚ୍‌ଡି ଭିଡିଓ ରେକର୍ଡିଂର ଅପସନ୍ ରହୁଛି। ଅଡିଓ ଓ ଭିଡିଓ ରେକର୍ଡିଂ ସହ କେତେକ କ୍ୟାମେରାରେ ଜିପିଏସ୍ ୟୁନିଟ୍ ମଧ୍ୟ ରହୁଛି। ଫଳରେ ଫଟୋ ଉଠାଇବା ବେଳେ ଉକ୍ତ ସ୍ଥାନର ଲୋକେଶନ୍ ମଧ୍ୟ ସେଥିରେ କ୍ୟାପ୍‌ଚର କରିହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା ଅତ୍ୟାଧୁନିକ କ୍ୟାମେରାଗୁଡ଼ିକରେ ଆଜିକାଲି ୱାଇ ଫାଇ ଫିଚର୍ ରହୁଥିବାରୁ ଫଟୋ ଉଠାଇ ତାହାକୁ ସଙ୍ଗେସଙ୍ଗେ ଅନ୍ୟମାନଙ୍କ ସହ ଶେୟାର ଓ ଅପ୍‌ଲୋଡ୍ କରିହେଉଛି। ଫଳରେ କମ୍ପ୍ୟୁଟର୍‌କୁ ଟ୍ରାନ୍ସଫର କରିବାର ନା ଝିନଝଟ ରହୁଛି ନା ଡାଟାକେବୁଲ୍, ପେନଡ୍ରାଇଭ୍ ଧରି ବୁଲିବାର ଚିନ୍ତା ରହୁଛି।

### ମୋବାଇଲ୍ ଫଟୋଗ୍ରାଫି

ସ୍ମାର୍ଟଫୋନର ଯୁଗରେ ଫଟୋ ଉଠାଇବା ସମସ୍ତଙ୍କ ପାଇଁ ସହଜସାଧ୍ୟ। ହେଲେ ସେଥିରେ ଥିବା କଳାକୁ ବୁଝିବା ଓ ଜାଣିବା ସମସ୍ତଙ୍କ ପକ୍ଷରେ ସହଜ ନୁହେଁ। ସେହିଭଳି ଏକ କଳା ହେଉଛି ମୋବାଇଲ୍ ଫଟୋଗ୍ରାଫି ବା ଫୋନ୍ ଫଟୋଗ୍ରାଫି। କେବଳ ଯେ ଡିଏସ୍‌ଏଲ୍‌ଆର୍, ଏସ୍‌ଏଲ୍‌ଆର୍ ଭଳି ବଡ଼ ବଡ଼ କ୍ୟାମେରା କିମ୍ବା ଲେନ୍ସ ବ୍ୟବହାର କରିଦେଲେ ଜଣେ ଭଲ ଫଟୋଗ୍ରାଫର ହୋଇଯିବ ତାହା ନୁହେଁ, ଏକ ସାଧାରଣ ସ୍ମାର୍ଟଫୋନ୍‌ରେ ବି ଉତ୍କୃଷ୍ଟମାନର ଫଟୋ ଉଠାଇହେବ। ଏଥିପାଇଁ କେବଳ ଆବଶ୍ୟକ ଭିନ୍ନ ଦୃଷ୍ଟିକୋଣ ଓ ଫଟୋଗ୍ରାଫିରେ ସାମାନ୍ୟ ଜ୍ଞାନ। ବର୍ତ୍ତମାନର ଅତ୍ୟାଧୁନିକ କ୍ୟାମେରା ଟେକ୍ନୋଲୋଜି ଫୋନ୍ ଫଟୋଗ୍ରାଫିକୁ ଆହୁରି ସହଜ କରିଦେଇଥିବା ବେଳେ ବହୁ ଆୱାର୍ଡ ୱିନିଂ ଫଟୋ ମୋବାଇଲ୍‌ରେ ଉଠାଯାଇଥିବା ଦେଖିବାକୁ ମିଳୁଛି। ବିଶେଷକରି ଆଇଫୋନ୍ ଫଟୋଗ୍ରାଫି ଇନ୍‌ଷ୍ଟାଗ୍ରାମରେ ବହୁଳ ଲୋକପ୍ରିୟତା ହାସଲ କରୁଥିବା ବେଳେ ଏଥିରେ ଶର୍ଟ ଫିଲ୍ମ ମଧ୍ୟ ଶୁଟ୍ କରାଯାଉଛି। ସେହିଭଳି ବିଭିନ୍ନ ଫଟୋ ଏଡିଟିଂ ଆପ୍ଲିକେଶନ ଏବଂ ସଫ୍ଟୱେର ସାଧାରଣ ଫଟୋକୁ ଏକ ଭିନ୍ନ ରୂପ ଦେଇ ଲୋକଙ୍କ କାମକୁ ଆହୁରି ସହଜ କରିଦେଉଛି। ତେବେ କୌଣସି ସ୍ଥାନର ଫଟୋ ଉଠାଇବା ପୂର୍ବରୁ ଉକ୍ତ ସ୍ଥାନ ବିଷୟରେ ଭଲଭାବେ ଜାଣିବା ସହ ସେଠାରେ ଆଗରୁ ଉଠାଯାଇଥିବା ଫଟୋ ଦେଖିବା ଉଚିତ୍। ଏହାପରେ ତାହାକୁ ଏକ ଭିନ୍ନ ଦୃଷ୍ଟିକୋଣରେ କ୍ୟାମେରା ଲେନ୍ସରେ ତୋଳିପାରିଲେ ତାହା ଭଲ ଫଟୋ ହେବ। ଆଜିକାଲି ଉପଲବ୍ଧ ଅତ୍ୟାଧୁନିକ ଟେକ୍ନୋଲୋଜି ଓ ହାଇଏଣ୍ଡ୍ କ୍ୟାମେରା ବିଶିଷ୍ଟ ସ୍ମାର୍ଟଫୋନ୍‌ର ଇମେଜ୍ କ୍ୱାଲିଟି, ଫଟୋଗ୍ରାଫି କମ୍ପୋଜିଶନ ଆଦି ଉତ୍କୃଷ୍ଟମାନର ହୋଇଥିବାରୁ ଏହା ଡିଏସ୍‌ଏଲ୍‌ଆର୍ କ୍ୟାମେରାଠାରୁ ମଧ୍ୟ ଭଲ ଫଟୋ ନେଇଥାଏ। ସ୍ଥାନୀୟ କଳା, ସଂସ୍କୃତି, ଖାଦ୍ୟ, ଆଖପାଖରେ ଥିବା ଲୋକ ଏବଂ ଲ୍ୟାଣ୍ଡସ୍କେପ୍‌କୁ ସ୍ମାର୍ଟଫୋନ୍ କ୍ୟାମେରାରେ ଅତି ସହଜରେ ଉଠାଇହୁଏ। ତେବେ ମୋବାଇଲ୍‌ରେ ଫଟୋ ଉଠାଇବା ସମୟରେ ଜୁମ୍ କରିବା କିମ୍ବା ଫ୍ଲାଶ୍ ଲାଇଟ୍‌ର ବ୍ୟବହାର କରିବାଠାରୁ ସବୁବେଳେ ଦୂରେଇ ରହିବା ଉଚିତ୍।

– ସସ୍ମିତା ପାଇକରାୟ, ଭୁବନେଶ୍ୱର

### ପ୍ୟାଶନରୁ ପ୍ରଫେଶନ

ଷ୍ଟ୍ରିଟ୍ ଫଟୋଗ୍ରାଫି କରୁ କରୁ କେତେବେଳେ ତାହା ପ୍ୟାଶନ ଓ ପ୍ରଫେଶନରେ ପରିଣତ ହୋଇଯାଏ ତାହା ଅନେକଙ୍କୁ ଜଣା ନ ଥାଏ। ଡିଜିଟାଲ ଫଟୋଗ୍ରାଫି ମାର୍କେଟ୍ ଦିନକୁ ଦିନ ବ୍ୟାପକ ହେଉଥିବା ବେଳେ ବିଭିନ୍ନ ପ୍ରକାର ଫଟୋଗ୍ରାଫିରେ କ୍ୟାରିୟର୍ କରିହେଉଛି। ୱେଡିଂ ଫଟୋଗ୍ରାଫି, ଇଭେଣ୍ଟ ଫଟୋଗ୍ରାଫି, ୱାଇଲ୍ଡଲାଇଫ୍ ଫଟୋଗ୍ରାଫି, ପୋର୍ଟ୍ରେଟ୍ ଫଟୋଗ୍ରାଫି, ପ୍ରଡକ୍ଟ ଫଟୋଗ୍ରାଫି, ଫାଇନ୍‌ଆର୍ଟ ଫଟୋଗ୍ରାଫି, ଫ୍ୟାଶନ ଫଟୋଗ୍ରାଫି, ଟ୍ରାଭେଲ ଫଟୋଗ୍ରାଫି, ଲାଇଫ୍‌ଷ୍ଟାଇଲ୍ ଫଟୋଗ୍ରାଫି, ଫଟୋ ଜର୍ନାଲିଜିମ୍, ସ୍ପୋର୍ଟସ ଫଟୋଗ୍ରାଫି, ଏରିୟଲ୍ ଫଟୋଗ୍ରାଫି, ଆର୍କିଟେକ୍‌ଚରାଲ ଫଟୋଗ୍ରାଫି ଭଳି ଅପସନ୍ ନୂଆ ସୁଯୋଗ ସୃଷ୍ଟିକରିଛି। ଓଡ଼ିଶାରେ ୱେଡିଂ ଫଟୋଗ୍ରାଫି, ପ୍ରଡକ୍ଟ ଫଟୋଗ୍ରାଫି, ଇଭେଣ୍ଟ ଫଟୋଗ୍ରାଫି, ଫ୍ୟାଶନ ଫଟୋଗ୍ରାଫି, ଏରିୟଲ୍ ଫଟୋଗ୍ରାଫି ଓ ଫଟୋ ଜର୍ନାଲିଜିମ୍‌ର ଚାହିଦା ବର୍ତ୍ତମାନ ସମୟରେ ଅଧିକ ରହିଥିବ ବେଳେ ଜଣେ ଚାହିଁଲେ ନିଜ ଫଟୋଗ୍ରାଫି ପ୍ୟାଶନକୁ ପ୍ରଫେଶନରେ ପରିଣତ କରିପାରୁଛି। ୨୦୨୧ ସୁଦ୍ଧା ବିଶ୍ୱରେ ଡିଜିଟାଲ ଫଟୋଗ୍ରାଫିର ମାର୍କେଟ ଡିମାଣ୍ଡ ପ୍ରାୟ ୧୧୦ ବିଲିୟନ୍ ୟୁଏସ୍ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଉଥିବାବେଳେ ଏଥିରେ ଯୁବପିଢ଼ିଙ୍କ ପାଇଁ ଅଧିକ ସୁଯୋଗ ସୃଷ୍ଟିହେବ।







୩୬୦° କ୍ୟାମେରାରେ ଉଠାଯାଇଥିବା ଭୁବନେଶ୍ୱରସ୍ଥିତ ଧଉଳି ଶାନ୍ତିସ୍ତୂପ, ପୁରୀ ବେଳାଭୂମି ଓ ରଥଯାତ୍ରା ସମୟର ଫଟୋଚିତ୍ର । (ଫଟୋ: ସତ୍ୟବ୍ରତ ମହାରଣା)

## ସିଂହଦ୍ୱାର ସମ୍ମୁଖରେ ରବିବାରିଆ ସକାଳ

# ବର୍ଷାରେ ବି ଜମିଲା ସାଂସ୍କୃତିକ କାର୍ଯ୍ୟକ୍ରମ

ପୁରୀ ଅଫିସ,୧୮।୮



ସିଂହଦ୍ୱାର ସମ୍ମୁଖରେ ରବିବାରିଆ ସକାଳ। କୋହଲା ପାଗ ସାଙ୍ଗକୁ ଝିପିଝିପି ବର୍ଷା ଲାଗି ରହିଥିବା ସତ୍ତ୍ୱେ ଆୟୋଜିତ ହୋଇଥିଲା ଭାବଭକ୍ତିର ବିଭିନ୍ନ କାର୍ଯ୍ୟକ୍ରମ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଓ ଦର୍ଶନ ସାରି ଫେରୁଥିବା ଶ୍ରଦ୍ଧାଳୁଙ୍କ ସମେତ ପର୍ଯ୍ୟଟକମାନେ ଏହା ଉପଭୋଗ କରିବା ପାଇଁ ବର୍ଷାରେ ଭିଜି ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ଼ ଘେରା ଅଞ୍ଚଳରେ ଘଡ଼ିଏ ଅଟକି ଯାଉଥିଲେ। ଓଡ଼ିଶୀ, ନାଗାନୃତ୍ୟ ସାଙ୍ଗକୁ ସଂକୀର୍ତ୍ତନ, ଯୋଗ ପ୍ରଭୃତି ସମସ୍ତଙ୍କୁ ଭକ୍ତିଭାବରେ ବାନ୍ଧି ରଖିଥିଲା। ସେହିପରି ନିଆଁହୁଳା ଧରି ନୃତ୍ୟ ପରିବେଷଣ ବେଶ୍ ଆକର୍ଷଣ ସାଜିଥିଲା। କଳାକାର, ଶିଳ୍ପୀମାନେ ମଧ୍ୟ ବର୍ଷାରେ ଭିଜି କଳାକୌଶଳ ପରିବେଷଣ କରିଥିଲେ। ଶ୍ରୀମନ୍ଦିର ପରିକ୍ରମା ମାର୍ଗର ପରିଚ୍ଛନ୍ନତା ଓ ପବିତ୍ରତାକୁ ସୁରକ୍ଷା ପ୍ରଦାନ ସହ ସିଂହଦ୍ୱାର ସମ୍ମୁଖ ଅଞ୍ଚଳକୁ ଅଧିକ ଆକର୍ଷଣୀୟ କରିବା ଲକ୍ଷ୍ୟରେ ଜିଲା ପ୍ରଶାସନ ପକ୍ଷରୁ ପ୍ରତି ରବିବାର ସକାଳେ ଆୟୋଜିତ ହେଉଛି ଏହି କାର୍ଯ୍ୟକ୍ରମ।

ପ୍ରତ୍ୟୁଷରେ ନାମ ସଂକୀର୍ତ୍ତନ ସହ ଶ୍ରୀମନ୍ଦିର ପରିକ୍ରମା ପରେ ସିଂହଦ୍ୱାର ସମ୍ମୁଖରେ ଆରମ୍ଭ ହୋଇଥିଲା ବିଭିନ୍ନ ପ୍ରକାର ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ। ଚାରୁ ନର୍ତ୍ତନ ପକ୍ଷରୁ ବିବେକ ମହାନ୍ତିଙ୍କ ନିର୍ଦ୍ଦେଶନାରେ ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରି ମନ ଜିଣିଥିଲେ। ସେହିପରି ରାୟଘାଟର ମା' ନାରାୟଣୀ ସଂକୀର୍ତ୍ତନ ମଣ୍ଡଳୀ, ବ୍ରହ୍ମଗିରିର ହରଚଣ୍ଡୀ ସଂକୀର୍ତ୍ତନ ମଣ୍ଡଳୀ, ପୁରୀ ମାଟିଆପଡ଼ାର ନରନାରାୟଣ ସଂକୀର୍ତ୍ତନ ମଣ୍ଡଳୀ ଏବଂ ଘୋରଡ଼ିଆର ରାଧାମୋହନ ଦେବ ନଦୀୟା ସଂକୀର୍ତ୍ତନ ମଣ୍ଡଳୀ ବି ଆକର୍ଷଣ ସାଜିଥିଲେ। ବର୍ଷାପାଣିରେ ବଡ଼ଦାଣ୍ଡରେ ଗଡ଼ି ଗଡ଼ି ସଂକୀର୍ତ୍ତନ କରିଥିଲେ। ରଘୁରାଜପୁର କଳିଙ୍ଗ ସଂସ୍କୃତିର ସାହିଯାତ, ରବୀନ୍ଦ୍ର କୁମାର ସାହୁ ଓ ଗ୍ରୁପ୍ ପକ୍ଷରୁ ଭଜନ, ଗୋପାଳ ସୁଆର ଗ୍ରୁପ୍‌ର ବନାଟି, ଶ୍ରୀଜଗନ୍ନାଥ ଯୋଗ ବେଦାନ୍ତ ସାଂସ୍କୃତିକ କେନ୍ଦ୍ର ଏବଂ ଓଡ଼ିଶା କଲେଜ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟ ଛାତ୍ରୀଛାତ୍ରମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ସାହିଯାତର ନାଗା ଓ ମେଢ ନୃତ୍ୟ ବି ଦେଖିବାକୁ ମିଳିଥିଲା। ଏହି ଅବସରରେ ଅତିରିକ୍ତ ଜିଲାପାଳ ବିନୟ ଉପଜିଲାପାଳ ଭବତାରଣ ସାହୁ, ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ବିଜୟ କୁମାର ଜେନା, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୁରୁବୀର ସିଂ ପ୍ରମୁଖ ଉପସ୍ଥିତ ଥିଲେ।



## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



ରତନ



ରୁପାଲି



ଶ୍ରାବଣୀ



ପ୍ରିୟରଞ୍ଜନ



ଭାଗ୍ୟରଥୀ



ବିଶ୍ୱମ୍ବର



ଅମରେଶ



ସନ୍ତୋଷ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଉଥାଏ,
ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲ୍‌ଟନ୍

■ ୨୪ରେ ଭୁବନେଶ୍ୱରର ୪୦୦ ପୂଜା କମିଟିଙ୍କ ଆଲୋଚନା

# ପୂଜାରେ ପ୍ରାକୃତିକ ପରିବେଶ, ପ୍ଲାଷ୍ଟିକ୍ ମୁକ୍ତ ଲକ୍ଷ୍ୟ

ଭୁବନେଶ୍ୱର, ୧୮।୮(ବ୍ୟୁରୋ)

ଆଗକୁ ଆସୁଥିବା ମା'ଙ୍କ ପୂଜାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା, ମଣ୍ଡପ ଚାରିକଡ଼େ ବୃକ୍ଷ ଲଗାଇ ପ୍ରାକୃତିକ ପରିବେଶ ସୃଷ୍ଟି କରାଯିବ। ପ୍ରତି ଜିଲାରେ 'ମାତା କୀ ଜାଗରଣ' ଓ 'ମାତା କୀ ଚୌକୀ'କୁ ଉଜ୍ଜୀବିତ କରାଇବା, ଲୁଚି ଯାଉଥିବା ପାରମ୍ପରିକ ନୃତ୍ୟ ଓ ଲୋକକଳାର ଆଦାନ ପ୍ରଦାନ କରିବାକୁ ଭୁବନେଶ୍ୱର ଦୁର୍ଗା ପୂଜା ଚାରି ଟେବୁଲ୍ ଟ୍ରଷ୍ଟ ଲକ୍ଷ୍ୟ ରଖିଛି। ଏ ନେଇ ଆସନ୍ତା ୨୪ ତାରିଖ ଜନ୍ମାଷ୍ଟମୀ ତିଥିରେ ରାଜ୍ୟର ୪ ଶହ ଛୋଟବଡ଼ ପୂଜା କମିଟିଙ୍କୁ ଏକାଠି ହେବାକୁ ଟ୍ରଷ୍ଟ ନିମନ୍ତ୍ରଣ କରିଛି। ଭୁବନେଶ୍ୱର, କଟକ ସମେତ ଓଡ଼ିଶାରେ ଥିବା ମା' ଦୁର୍ଗା, ମା' ଲକ୍ଷ୍ମୀ ଓ କାଳୀପୂଜା ଆୟୋଜନ କରୁଥିବା ଅନୁଷ୍ଠାନ ମଧ୍ୟରେ ଭାଇଚାରା ଭାବ ସୃଷ୍ଟି କରିବାକୁ ଟ୍ରଷ୍ଟ ପକ୍ଷରୁ ଏହି ପ୍ରୟାସ ଆରମ୍ଭ ହୋଇଛି ବୋଲି ସଭାପତି ନାରାୟଣ ମହାପାତ୍ରଙ୍କ କହିଛନ୍ତି। ରବିବାର ଏକ ଖବରଦାତା ସମ୍ମିଳନୀରେ ଟ୍ରଷ୍ଟର ଆଭିମୁଖ୍ୟ ଉପରେ ଆଲୋକପାତ କରି ମହାପାତ୍ର କହିଛନ୍ତି, ଗତବର୍ଷ ୧୫୦ ଦୁର୍ଗାପୂଜା ସମିତି ଓ ୧୦୦ଟି ଲକ୍ଷ୍ମୀପୂଜା ସମିତିର କର୍ମକର୍ତ୍ତାଙ୍କୁ ଏକାଠି କରି ସେମାନଙ୍କ ମଧ୍ୟରେ ଏକ ଭ୍ରାତୃଭାବ ସୃଷ୍ଟି କରାଇବା ସହ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତବର୍ଷ ଏହାକୁ ଆହୁରି ବ୍ୟାପକ କରିବାକୁ ଯୋଜନା ରହିଛି। ଜୟଦେବ ବିହାରସ୍ଥିତ ଉତ୍କଳ ରଙ୍ଗମଞ୍ଚରେ ଆସନ୍ତା ୨୪ ତାରିଖରେ ପୂଜା କମିଟି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରିଥିଲା। ଏଥିସହ ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ଥିବା ସେ କହିଛନ୍ତି। ଆୟୋଜିତ ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉମାନାଥ ମିଶ୍ର, ଲଳିତ ମୋହନ ପଣ୍ଡା, ଲଳିତ ଖୁଣ୍ଟିଆ, ମଳୟ ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



## ଶ୍ରୀ ଶ୍ରୀ ମହାଦେବ ପୂଜା କମିଟିର ପୂଜା ପ୍ରସ୍ତୁତି ବୈଠକ

ଭୁବନେଶ୍ୱରର ଅଗ୍ରଣୀ ଅନୁଷ୍ଠାନ ଶ୍ରୀ ଶ୍ରୀ ମହାଦେବ ପୂଜା କମିଟିର ସାଧାରଣ ସଭା ଓ ପୂଜା ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଛି। ୟୁନିଟ ୧ ସ୍ଥିତ କସ୍ତୁରବା ମହଲଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମିଟି ସଭାପତି ଗୟାଧର ସ୍ୱାଇଁଙ୍କ ସଭାପତିତ୍ୱ କରିଥିଲେ। ସମ୍ପାଦକ ଦେବରାଜ ମହାନ୍ତି ଗତବର୍ଷ ପୂଜାର ସଫଳତା ଲାଗି ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ଚଳିତବର୍ଷ ପୂଜାର ସଫଳ କରିବା ଲାଗି ସମସ୍ତଙ୍କ ସାହାଯ୍ୟ ଓ ସହାୟତା ଆଶା କରିଥିଲେ। ଏହି ଅବସରରେ ସାଂସ୍କୃତିକ ସମ୍ପାଦକ ମନୋଜ କୁମାର ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ।

## ରସୁଲଗଡ଼ ପୂଜା କମିଟିର ଶୁଭ ଖୁଣ୍ଟି ପୂଜା

ରସୁଲଗଡ଼ ପୂଜା କମିଟି ପକ୍ଷରୁ ଶୁଭ ଖୁଣ୍ଟି ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତୋରଣ ଆରମ୍ଭ କରିବା ପୂର୍ବରୁ ପ୍ରତ୍ୟେକ ବର୍ଷ କମିଟି ଦ୍ୱାରା ଏହି ପୂଜା କରାଯାଉଥିବା ବେଳେ ରବିବାର ପୂର୍ବାହ୍ନରେ ପୂଜାର ଆୟୋଜନ କରାଯାଇଥିଲା। ସଭାପତି ଅନିଲ କୁମାର ବଳିଆରସିଂ, ସମ୍ପାଦକ ପ୍ରଶାନ୍ତ ଶ୍ରୀଚନ୍ଦନ ରାୟ ଓ କମିଟିର ବହୁ କର୍ମକର୍ତ୍ତା ସେଠାରେ ଉପସ୍ଥିତ ଥିଲେ।

**ଆସୁଛନ୍ତି ବିଘ୍ନରାଜ, ଶହୀଦନଗରରେ ୪୬ ଫୁଟ୍‌ର ମୂର୍ତ୍ତି**

## ଦଶାବତାର ରୂପ, ୫୦ କେଜି ଲଡ୍ଡୁ ମୁଖ୍ୟ ଆକର୍ଷଣ

ଅଗ୍ରପୂଜ୍ୟଙ୍କ ଆରାଧନା ଲାଗି ଚଳଚଞ୍ଚଳ ହେଲାଣି ପୂଜା ମଣ୍ଡପ। ହାତରେ ଆଉ କିଛି ଦିନ ଥିବା ବେଳେ ଗଜାନନଙ୍କ ମୂର୍ତ୍ତି ତିଆରିରେ ନିମଗ୍ନ କାରିଗର। ପ୍ରତିବର୍ଷ ପରି ଏଥର ମଧ୍ୟ ନିଆରା ଢଙ୍ଗରେ ଗଣେଶ ପୂଜା ପାଳନ କରିବାକୁ ଅଣ୍ଟା ଭିଡ଼ିଛି ଶହୀଦନଗରର ୱିନର୍ ଆସୋସିଏଶନ। ଚଳିତଥର ଏଠାରେ ୪୬ ଫୁଟ୍ ଉଚ୍ଚତାର ମୂର୍ତ୍ତି ନିର୍ମାଣ କରାଯାଉଥିବା ବେଳେ ୫୦ କେଜିର ଲଡୁ ଓ ଗଜାନନଙ୍କ ଦଶାବତାର ରୂପ ସମସ୍ତଙ୍କୁ ଉତ୍ସାହିତ କରିବ ବୋଲି ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରକାଶ ପାଇଛି। ଭୁବନେଶ୍ୱର ଚାରିଟେବୁଲ ଟ୍ରଷ୍ଟ ସଭାପତି ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସମ୍ମିଳନୀରେ ଆସୋସିଏଶନ୍‌ର ସାଂସ୍କୃତିକ ସମ୍ପାଦକ ନିରୋଜ କୁମାର ସାହୁ କହିଥିଲେ, ଅନ୍ୟବର୍ଷ ପରି ଚଳିତବର୍ଷ ମଧ୍ୟ ମୂର୍ତ୍ତିରେ କୌଣସି ପ୍ରକାର ରାସାୟନିକ ରଙ୍ଗର ବ୍ୟବହାର କରାଯାଉନାହିଁ। ଚଳିତଥର ଆସୋସିଏଶନ ପକ୍ଷରୁ ଉନ୍ନତମାନର ଆଲୋକ ସଜ୍ଜା ସାଙ୍ଗକୁ ମିନାବଜାର ଏବଂ ୭ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି। ଶେଷରେ ସେପ୍ଟେମ୍ବର ୮ରେ ପାରମ୍ପରିକ ବାଜା ଯୋଡ଼ିଶଙ୍ଖ, ଘଣ୍ଟ, ଶିଙ୍ଘ ସହ ଘୋଡ଼ାନାଚ, ପାଇକ ନାଚ ମାଧ୍ୟମରେ ନଗର ପରିକ୍ରମା ସହ ଭସାଣି ଉତ୍ସବ ସମ୍ପନ୍ନ ହେବ। ଏହାଛଡ଼ା ଆସୋସିଏଶନ ପକ୍ଷରୁ ଅନ୍ଧ, ମୂକ, ବଧିର ଏବଂ ଅନାଥ ଆଶ୍ରମ ଅନ୍ତେବାସୀଙ୍କୁ ଆଣି ପ୍ରସାଦ ସେବନ ଏବଂ ମନୋରଞ୍ଜନ କରାଇବାକୁ ବ୍ୟବସ୍ଥା ହୋଇଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମଧ୍ୟ ୫ ତାରିଖ ସନ୍ଧ୍ୟା ଆଳତିରେ ଯୋଗଦେବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଉଲ୍ଲେଖଥାଉ କି, ୨୦୧୦ରୁ ଶୃଙ୍ଖଳାର ସହ ଗଜାନନଙ୍କ ପୂଜା ଏଠାରେ ସମ୍ପାଦନ କରୁଥିବା ବେଳେ ଗତ ୬ ବର୍ଷ ହେଲା ବଡ଼ ଗଣେଶ ମୂର୍ତ୍ତି ପ୍ରସ୍ତୁତ କରି ଚର୍ଚ୍ଚାରେ ରହୁଛି।



## ସଂକ୍ଷେପରେ

### ମହିଳା ମହାସଂଘ ପକ୍ଷରୁ ୨ ବିଧାୟକଙ୍କୁ ସମ୍ବର୍ଦ୍ଧନା

ବାଲିଅନ୍ତା, ୧୮।୮(ଡି.ଏନ୍.ଏ.): ଭୁବନେଶ୍ୱର ମହାନଗର ନିଗମର ୧୦ନଂ ୱାର୍ଡ ଅଧୀନ ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ଏକ ହୋଟେଲ ପରିସରରେ ରବିବାର ବିଶ୍ୱ ବିଜୟନୀ ମହିଳା ମହାସଂଘ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଓ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମର ନବନିଯୁକ୍ତ ଅଧ୍ୟକ୍ଷ ଚିନ୍ମୟ ସାହୁଙ୍କୁ ମହାସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ସୁବାସ ଚନ୍ଦ୍ର ପାତ୍ର, ଦାଶରଥି ନାୟକ, ପୂର୍ବତନ କର୍ପୋରେଟର ପ୍ରଣତି ନାୟକ, ସରୋଜ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ୧୦ନଂ ୱାର୍ଡର ଉନ୍ନତି ପାଇଁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମହାସଂଘର ସଭାନେତ୍ରୀ ମମତା ମହାକୁଡ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ସମ୍ପାଦିକା ଭାରତୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ଶିଶୁ ବିହାରରେ ଏମ୍‌ପି ଅପରାଜିତାଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୧୮।୮(ବ୍ୟୁରୋ): କୌଣସି ଏକ କାର୍ଯ୍ୟ କରିବା ଲାଗି ସାଧନ ଅପେକ୍ଷା ସାଧନା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ସ୍ଥାନୀୟ ଶିଶୁବିହାରଠାରେ ଶୁକ୍ରବାର ଏକ ସମ୍ବର୍ଦ୍ଧନା ସଭାରେ ଭୁବନେଶ୍ୱର ଏମପି ଅପରାଜିତା ଷଡଙ୍ଗୀ ଯୋଗ ଦେଇ ଏହି ବକ୍ତବ୍ୟ ରଖିଛନ୍ତି। ଶିଶୁ ବିହାର ବରିଷ୍ଠ ନାଗରିକ ସଂଘ, ମହିଳା ସଂଘ ପକ୍ଷରୁ ଆୟୋଜିତ ଏହି ସଭାରେ ସାଂସଦଙ୍କ ସହ ଅନ୍ୟ ୮ ଜଣଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ସମ୍ବର୍ଦ୍ଧିତ କରାଯାଇଛି। ସାଂସଦ ପୂର୍ବରୁ ବିଏମସି କମିଶନର ଥିବାବେଳେ ଶିଶୁ ବିହାରରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟ ପାଇଁ ବକ୍ତାମାନେ ତାଙ୍କର ପ୍ରଶଂସା କରିଥିଲେ। ସମ୍ବର୍ଦ୍ଧିତ ବ୍ୟକ୍ତିମାନେ ହେଉଛନ୍ତି ଡ. ଭାସ୍କର ମହାପାତ୍ର, ପିତାମ୍ବର ଦାଶ, ଅରକ୍ଷିତ ପାତ୍ର, ଜଗବନ୍ଧୁ ମହାନ୍ତି, ଅରୁଣ କୁମାର ଘୋଷ, ଇଂ. ରାଜେନ୍ଦ୍ର କୁମାର ବାରିକ, ଇଂ. ଅଲେଖ ଚନ୍ଦ୍ର ମିଶ୍ର, ବନ୍ଧୁ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ୟୁନିୟନ ବ୍ୟାଙ୍କର କ୍ଷେତ୍ରୀୟ ସମ୍ମିଳନୀ

ଭୁବନେଶ୍ୱର, ୧୮।୮: ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ କ୍ଷେତ୍ରୀୟ କାର୍ଯ୍ୟାଳୟ ଭୁବନେଶ୍ୱରର ଶାଖା ମୁଖ୍ୟମାନଙ୍କର ୨ ଦିନିଆ ବୈଠକ ଅନୁଷ୍ଠିତ ହୋଇଯାଇଛି। କୃଷକଙ୍କୁ ଆୟ ଦୁଇଗୁଣ ବୃଦ୍ଧି, କ୍ଷୁଦ୍ର ବ୍ୟବସାୟୀଙ୍କୁ ଋଣ ପ୍ରଦାନରେ ଉନ୍ନତି, ମହିଳା ସଶକ୍ତିକରଣ, ଜଳଶକ୍ତି, ସବୁଜ ଏବଂ ନୀଳ ଅର୍ଥନୀତି ଉପରେ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମାନସ ରଞ୍ଜନ ବିଶ୍ୱାଳ ଗୁରୁତ୍ୱାରୋପ କରିଥିଲେ। ଶାଖା ସ୍ତରରେ ଗ୍ରାହକଙ୍କୁ ଯୋଗାଯୋଗ କରି ପରାମର୍ଶ ପ୍ରକ୍ରିୟା ଦ୍ୱାରା କାର୍ଯ୍ୟାବଳୀର ସମୀକ୍ଷା ଏବଂ ଉପଲବ୍ଧ ସୁଯୋଗ ଉପରେ ଏଠାରେ ଗୁରୁତ୍ୱାରୋପ କରାଯାଇଥିଲା। ବ୍ୟାଙ୍କିଙ୍ଗ କ୍ଷେତ୍ରର ବିଭିନ୍ନ ପ୍ରସଙ୍ଗ ବୈଠକରେ ସ୍ଥାନିତ ହୋଇଥିଲା। ଉପମହାପ୍ରବନ୍ଧକ ରୂପଲାଲ ମୀନା ଏଠାରେ ଡିଜିଟାଲ ବ୍ୟାଙ୍କିଙ୍ଗ ଉପରେ ଗୁରୁତ୍ୱାରୋପ କରିଥିଲେ।

### ସିଣ୍ଡିକେଟ ବ୍ୟାଙ୍କ ପକ୍ଷରୁ କର୍ମଶାଳା

ଭୁବନେଶ୍ୱର, ୧୮।୮: ସିଣ୍ଡିକେଟ ବ୍ୟାଙ୍କ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ନୂତନ ଦିଗନ୍ତର ଉନ୍ମୋଚନ ଓ ଆଲୋଚନା ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟାଙ୍କର ସମସ୍ତ ଶାଖା ଯୋଗଦେଇଥିଲେ। ବୈଷୟିକ ଜ୍ଞାନକୌଶଳକୁ ପ୍ରୋତ୍ସାହନ ଦେବା ସହ ବ୍ୟାଙ୍କିଙ୍ଗକୁ ଜାତୀୟ ପ୍ରାଥମିକତା ଭାବେ ଗ୍ରହଣ କରି ଏଭଳି ପଦକ୍ଷେପ ମାନ ନିଆଯାଉଥିବା ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ଏଥିରେ ସମସ୍ତ ଶାଖା ମୁଖ୍ୟ ଏବଂ ଅଧିକାରୀ ଯୋଗ ଦେଇ ବ୍ୟାଙ୍କିଙ୍ଗର ବିଭିନ୍ନ ଦିଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଆର୍ଥିକ ଅଭିବୃଦ୍ଧି ଦିଗରେ ବ୍ୟାଙ୍କ ଶିଳ୍ପର ଭୂମିକା ଉପରେ ଏଠାରେ ଉପଆଞ୍ଚଳିକ ପ୍ରବନ୍ଧକ ମୁରଲୀଧର ବେହେରା ଗୁରୁତ୍ୱାରୋପ କରିଛନ୍ତି। ସାରା ଦେଶରେ ବ୍ୟାଙ୍କର ୪୦୬୩ ଶାଖାରେ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଜାତୀୟ ପ୍ରାଥମିକତା ଏବଂ ଗ୍ରାହକ ସେବାର ମହତ୍ତ୍ୱ ଉପରେ ଏଠାରେ ଆଲୋଚନା କରାଯାଇଥିଲା।

■ ଘରୋଇ ହସ୍ପିଟାଲରେ ଦଳିତ କର୍ମଚାରୀଙ୍କୁ ନିର୍ଯାତନା

## କମିଶନଙ୍କ ନିର୍ଦ୍ଦେଶ ପରେ ମାମଲା ରୁଜୁ କରୁନି ପୋଲିସ

ଭୁବନେଶ୍ୱର, ୧୮।୮(ବ୍ୟୁରୋ)

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ଅନେକ ଦିନ ଧରି ଉପରିସ୍ଥ କର୍ମଚାରୀ ଦ୍ୱାରା ନିର୍ଯାତିତ ହେଉଥିଲେ। ଏ ନେଇ ପ୍ରତିବାଦ କରିବା ସହ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବାରୁ ଚାକିରିରୁ ଇସ୍ତଫା ଦେବାକୁ ବାଧ୍ୟ କରାଯାଉଛି। ଏ ସମ୍ପର୍କରେ ଥାନାରେ ଅଭିଯୋଗ କଲେ ମଧ୍ୟ ମାମଲା ରୁଜୁ କରାଯାଉନାହିଁ। ନ୍ୟାୟ ପାଇବା ନେଇ ନିର୍ଯାତିତ ଯୁବକ ମାନବାଧିକାର କମିଶନଙ୍କଠାରୁ ଆରମ୍ଭ କରି ଡିସିପି ଏବଂ ସିପିଙ୍କ ନିକଟରେ ଅଭିଯୋଗ କଲେ। ମାନବାଧିକାର କମିଶନଙ୍କ ନିର୍ଦ୍ଦେଶ ପରେ ମଧ୍ୟ ଥାନା ଅଧିକାରୀ ମାମଲା ରୁଜୁ କରୁ ନ ଥିବା ନେଇ ଗଣମାଧ୍ୟମ ନିକଟରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ଚନ୍ଦ୍ରଶେଖରପୁର ଏମଆଇଜି-୨, ବ୍ଲକ-୪, ଘର ନଂ. ଇ-୧୨ରେ ମାନସ ରଞ୍ଜନ ସେଠୀ ରୁହନ୍ତି। ମାନସଙ୍କ ଅଭିଯୋଗ ମୁତାବକ, ସେ ୫ ବର୍ଷ ଧରି ଏକ ଘରୋଇ ହସ୍ପିଟାଲରେ ଲ୍ୟାବ ଆସିଷ୍ଟାଣ୍ଟ ଭାବେ କାମ କରୁଥିଲେ। ଲ୍ୟାବରେ କାର୍ଯ୍ୟରତ ଜଣେ ଉଚ୍ଚ ଜାତିର ମହିଳା କର୍ମଚାରୀ ଓ ଅନ୍ୟ କିଛି କର୍ମଚାରୀ କିଛି ଦିନ ହେବ ନାନାଦି ନିର୍ଯାତନା ଦେଉଛନ୍ତି। ହସ୍ପିଟାଲ ବାହାରୁ ଆସୁଥିବା ରକ୍ତ ନମୁନାକୁ ବେଆଇନ ଭାବେ ପରୀକ୍ଷା କରିବାକୁ ମାନସଙ୍କୁ ବାଧ୍ୟ କରୁଛନ୍ତି। ଏଥିରେ ସହଯୋଗ ନ କରିବାରୁ ତାଙ୍କୁ ଚାକିରି ଛାଡି ଚାଲିଯିବାକୁ ବାଟ କରାଯାଉଛି। ଉପରିସ୍ଥ ଅଧିକାରୀଙ୍କ ନିକଟରେ ତାଙ୍କ ନାମରେ ମିଥ୍ୟା ଅଭିଯୋଗ କରାଯାଉଛି। ଏଥିସହ ଲ୍ୟାବରୁ ତାଙ୍କୁ ପାଣି ପିଇବାକୁ ମନା କରାଯିବା ସହ ଜାତିଆଣ ନେଇ ତାଚ୍ଛିଲ୍ୟପରା କରାଯାଉଛି। ଏ ନେଇ ଡିସିପି ଏବଂ ସିପିଙ୍କୁ ଜଣାଇବା ସହ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିବା ପରେ ଥାନା ଅଭିଯୋଗ କରିବା ନେଇ କମିଶନ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ଗତ ୧୪ ତାରିଖରୁ ଥାନାରୁ ଅଭିଯୋଗ କରାଗଲେ ମଧ୍ୟ ତଦନ୍ତକାରୀ ଅଧିକାରୀ ମାମଲା ରୁଜୁ କରୁନାହାନ୍ତି । ବାରମ୍ବାର ଥାନାକୁ ଦଉଡିବା ପରେ ସେ ନିରାଶ ହୋଇ ଫେରୁଛନ୍ତି ବୋଲି ଗଣମାଧ୍ୟମରେ ନ୍ୟାୟ ପାଇବା ନେଇ ଅଭିଯୋଗ ଆଣିଛନ୍ତି। ଏ ନେଇ ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ମାନସ ଜଣେ ମହିଳା କର୍ମଚାରୀ ଓ ଅନ୍ୟମାନଙ୍କ ନାମରେ ଅଭିଯୋଗ ଆଣିଥିଲେ। ଏତଲା କପିରେ କିଛି ଭୁଲକୁ ସଂଶୋଧନ କରାଯିବା ସହ ରବିବାର ରାତି ସୁଦ୍ଧା ମାମଲା ରୁଜୁ ହେବ। ଏ ନେଇ ତଦନ୍ତ କରିବା ପରେ ଅଭିଯୁକ୍ତଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି।



ଅଭିଯୋଗକାରୀ ରଞ୍ଜନ ସେଠୀ।

## ମହିଳାଙ୍କଠାରୁ ଲୁଟିଲେ ସୁନାଚେନ

ଭୁବନେଶ୍ୱର, ୧୮।୮(ବ୍ୟୁରୋ)

ରାଜଧାନୀରେ ଲେଡି ଲୁଟେରାଙ୍କ ଆତଙ୍କ। ଫିଲ୍ମ 'ବଣ୍ଟି ଓ ବବ୍‌ଲି' ପରି ଜଣେ ଯୁବକ ବାଇକ୍ ଚଲାଉଥିବାବେଳେ ପଛରେ ବସିଥିବା ଯୁବତୀ କରୁଛନ୍ତି ଲୁଟ। ଏହିଭଳି ରବିବାର ରାତିରେ ଶହୀଦନଗର ଆଇଡିବିଆଇ ବ୍ୟାଙ୍କ୍ ନିକଟରୁ ଜଣେ ମହିଳାଙ୍କଠାରୁ ସୁନାଚେନ୍ ଲୁଟ ହୋଇଛି। ଏ ନେଇ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ଶିଳାଭଦ୍ର ସାମନ୍ତରାୟ ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ଛକରେ ଲାଗିଥିବା ସିସିଟିଭିକୁ ପୋଲିସ ଯାଞ୍ଚ କରୁଛି। ଶିଳାଭଦ୍ର ଏକ ଘରୋଇ ଟିଭି ଚ୍ୟାନେଲରେ ଖବରଦାତା ଭାବେ କାମ କରନ୍ତି। ରବିବାର ସେ ସ୍ତ୍ରୀଙ୍କ ସହ ବାଇକ୍ ଯୋଗେ ରେଳଷ୍ଟେଶନକୁ ଆସିଥିଲେ। ରାତି ପ୍ରାୟ ୮.୩୦ ସମୟରେ ସେ ଷ୍ଟେଶନରୁ ଘରକୁ ଫେରୁଥିଲେ। ଦୁହେଁ ଶହୀଦନଗର ଆଇଡିବିଆଇ ବ୍ୟାଙ୍କ୍ ପାଖରେ ହୋଇଥିବାବେଳେ ଏକ ବାଇକ୍‌ରେ ଦୁଇଜଣ ଯୁବକ ଯୁବତୀ ଆସିଥିଲେ। ପଛରେ ବସିଥିବା ଯୁବତୀଜଣକ ଶିଳାଭଦ୍ରଙ୍କ ସ୍ତ୍ରୀଙ୍କ ବେକରୁ ୧୦ ଗ୍ରାମ ଓଜନର ସୁନାଚେନ୍‌କୁ ଛିଣ୍ଡାଇ ନେଇ ଦ୍ରୁତଗତିରେ ଶହୀଦନଗର ଅଭିମୁଖେ ଚମ୍ପଟ ମାରିଥିଲେ।




ପ୍ରତିଯୋଗିତାରେ ଛାତ୍ରୀମାନେ ଅଭିନୟ କରୁଛନ୍ତି।

## 'ମୂର୍ଚ୍ଛନା'ର ଡ୍ରାମା ପ୍ରତିଯୋଗିତା

ଭୁବନେଶ୍ୱର, ୧୮।୮(ବ୍ୟୁରୋ)

କଳା ଅନୁଷ୍ଠାନ 'ମୂର୍ଚ୍ଛନା'ର ଡ୍ରାମା ପ୍ରତିଯୋଗିତା ରବିବାର ସ୍ଥାନୀୟ କଳାକେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ବୈଷ୍ଣବ ପ୍ରସାଦ ମହାନ୍ତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ସହରର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସାତ୍ତ୍ୱିକି ରାଜା, ସମିତା ମହାନ୍ତି, ଗୋଲକ ଚରଣ ମାର୍ଥା ବିଚାରକ ମଣ୍ଡଳୀରେ ଉପସ୍ଥିତ ଥିଲେ। ଉତ୍ସବରେ ତୁଷାରକାନ୍ତି ବେହେରା, ହେମନ୍ତ ପରମଗୁରୁ, ମହେନ୍ଦ୍ର ଆଚାର୍ଯ୍ୟ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଆସନ୍ତା ସେପ୍ଟେମ୍ବର ୨୫ରେ 'ମୂର୍ଚ୍ଛନା'ର ୧୬ତମ ବାର୍ଷିକୋତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

## ଓଜସ୍ୱୀ ଫାଉଣ୍ଡେଶନ ପକ୍ଷରୁ ଚାରା ରୋପଣ

ଭୁବନେଶ୍ୱର, ୧୮।୮(ବ୍ୟୁରୋ)

ପଟିଆ ଛକରେ ରବିବାର ଓଜସ୍ୱୀ ଫାଉଣ୍ଡେଶନ ପକ୍ଷରୁ ଚାରା ରୋପଣ ହୋଇଛି। ପଟିଆ ଗ୍ରାମର ସଭାପତି ସନ୍ତୋଷ ମହାନ୍ତି, ବରିଷ୍ଠ ନାଗରିକ ଏବଂ ଫାଉଣ୍ଡେଶନର ଅଧ୍ୟକ୍ଷା ଅର୍ପିତା ଅପରାଜିତା ବଡ଼ଜେନା, ସାଧାରଣ ସମ୍ପାଦିକା ଓ ଅନ୍ୟମାନେ ସାମିଲ ଥିଲେ।



ପ୍ରତିଯୋଗିତାରେ ପିଲାମାନେ ଚିତ୍ରାଙ୍କନ କରୁଛନ୍ତି।

## ରାଜୀବ ଗାନ୍ଧୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୮।୮(ବ୍ୟୁରୋ)

ରାଜୀବ ଗାନ୍ଧୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ରବିବାର କଂଗ୍ରେସ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ, ସାଧାରଣ ଜ୍ଞାନ ଓ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। କାର୍ଯ୍ୟକ୍ରମକୁ ରାଜୀବ ଗାନ୍ଧୀ ଫୋରମର କାର୍ଯ୍ୟକାରୀ ସଭାପତି ସୁରେଶ ରାଉତରାୟ ଓ ସମ୍ପାଦକ ଶୁଭେନ୍ଦୁ ମହାନ୍ତି ଉଦ୍‌ଘାଟନ କରିଛନ୍ତି। ଭୁବନେଶ୍ୱରର ୫୦ ବିଦ୍ୟାଳୟରୁ ଏକ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଆସନ୍ତା ମଙ୍ଗଳବାର ଇଡକଲ ଅଡିଟୋରିୟମରେ ରାଜୀବ ଗାନ୍ଧୀଙ୍କ ୭୫ତମ ଜୟନ୍ତୀ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଏହି ପ୍ରତିଭା ଅନ୍ୱେଷଣ ବର୍ଷଯାକ ପୂରା ଓଡ଼ିଶାରେ ଆୟୋଜନ ହେବ ବୋଲି ଫୋରମ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମକୁ ରଜନୀକାନ୍ତ ସାମନ୍ତରାୟ, ମନୋରଞ୍ଜନ ଦାସ, ରଶ୍ମି ମହାପାତ୍ର, ଜାନକୀ ବଲ୍ଲଭ ପଟ୍ଟନାୟକ, ଦୀପକ ସାହୁ, ବିଶ୍ୱଜିତ୍ ଦାସ, ଦୀପକ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

■ ରାଜଧାନୀରେ ମାତିଲେ ସାଇବର ଠକ

## ଗୋଟିଏ ଦିନରେ ୩ ଜଣଙ୍କଠାରୁ ଲକ୍ଷାଧିକ ଟଙ୍କା ଠକେଇ

ଭୁବନେଶ୍ୱର, ୧୮।୮(ବ୍ୟୁରୋ)

■ ସର୍ଚ୍ଚ କଲେ ମିଳୁଛି ନକଲି ଟୋଲ୍ ଫ୍ରି ନମ୍ବର
■ ଅଭିଯୋଗ ନ ରଖି କଟକ ସାଇବର ଥାନାକୁ ପଠାଇଦେଲା ମଞ୍ଚେଶ୍ୱର ଥାନା ପୋଲିସ

ରାଜଧାନୀରେ ମାତିଛନ୍ତି ସାଇବର ଠକ। ସେମାନେ ବିଭିନ୍ନ ଆପ୍ଲିକେଶନ୍‌ଠାରୁ ଆରମ୍ଭ କରି ସୋସିଆଲ ନେଟ୍‌ୱର୍କରେ ନକଲି ସାଇଟ୍ ଖୋଲି କୌଶଳରେ ଲୋକଙ୍କଠାରୁ ଅର୍ଥ ଲୁଟୁଛନ୍ତି। ଗୋଟିଏ ଦିନରେ ୩ଜଣ ଏପରି ଠକେଇର ଶିକାର ହୋଇଛନ୍ତି। ସେମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟରୁ ଟଙ୍କା ଚଳୁ କରିଛନ୍ତି ସାଇବର ଠକ। ପଳାଶୁଣୀରେ ରହୁଥିବା ପ୍ରଶାନ୍ତ ଦାସଙ୍କଠାରୁ ଗୁଗୁଲ ପେ ମାଧ୍ୟମରେ ଦେଢ଼ ଲକ୍ଷ, ଜୟ ପ୍ରକାଶ ଗୁପ୍ତାଙ୍କଠାରୁ ୮୦ହଜାର ଓ ନିବାସ ନାମକ ଜଣେ ବ୍ୟକ୍ତିଙ୍କଠାରୁ ୭୦ହଜାର ଟଙ୍କା ଚଳୁ ହୋଇଥିବା ମଞ୍ଚେଶ୍ୱର ଥାନାରେ ଅଭିଯୋଗ ହୋଇଛି। ତେବେ ମଞ୍ଚେଶ୍ୱର ଥାନା ପକ୍ଷରୁ ସେମାନଙ୍କୁ କଟକ ସାଇବର ଥାନାକୁ ପଠାଇ ଦେଇଥିବା ଜଣାପଡିଛି। ଅଭିଯୋଗ ଅନୁଯାୟୀ, ପଳାଶୁଣୀରେ ରହୁଥିବା ପ୍ରଶାନ୍ତ ଜଣେ ସାଙ୍ଗକୁ ୫ ହଜାର ଟଙ୍କା ଧାର ଆକାରରେ ଗୁଗୁଲ ପେ' ମାଧ୍ୟମରେ ଦେଇଥିଲେ। ହେଲେ ଟଙ୍କା ସାଙ୍ଗଙ୍କ ଆକାଉଣ୍ଟକୁ ଯାଇ ନ ଥିଲା। ଫଳରେ ପ୍ରଶାନ୍ତ ଗୁଗୁଲ ପେ'ର କଷ୍ଟମର କେୟାର ଟୋଲ୍ ଫ୍ରି ନମ୍ବର ସର୍ଚ୍ଚ କରିଥିଲେ। ହେଲେ ସାଇବର ଠକମାନେ ଖୋଲିଥିବା ନକଲି ସାଇଟ୍‌ର ଫୋନ୍ ନମ୍ବର ତାଙ୍କ ନଜରକୁ ଆସିଥିଲା। ପ୍ରଶାନ୍ତ ଉକ୍ତ ନମ୍ବରରେ କଲ୍ କରିବା ପରେ ଟଙ୍କା ଶୀଘ୍ର ଫେରିପାଇବେ ବୋଲି କେହି କହିବା ସହ କେତେକ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଶେଷ ପରାମର୍ଶ ଅନୁସାରେ ପ୍ରଶାନ୍ତ ଆକାଉଣ୍ଟ ଚେକ କରିବା ସମୟରେ ଏକ ୟୁପିଆଇ ଆଇଡିର କୋଡ୍ ଦେବାକୁ କୁହାଯାଇଥିଲା। ପ୍ରଶାନ୍ତ ଉକ୍ତ କୋଡ୍ ଦେବା ପରେ ତାଙ୍କ ଆକାଉଣ୍ଟରୁ ୧.୫ଲକ୍ଷ ଟଙ୍କା ଉଠାଣ ହୋଇଥିଲା। ଏହାପରେ ଉକ୍ତ ଫୋନ୍ ନମ୍ବରରୁ କଲ୍ କରିଥିଲେ ମଧ୍ୟ ଆଉ କେହି ଉଠାଇ ନ ଥିବା ସେ ଅଭିଯୋଗ କରିଛନ୍ତି।

ସେହିପରି ଦିନବନ୍ଧୁ ଗୁଗୁଲ ପେ' ମାଧ୍ୟମରେ ୧୦ ହଜାର ଟଙ୍କା ଅନ୍ୟ ଜଣଙ୍କୁ ପଠାଇଥିଲେ। ହେଲେ ତାଙ୍କ ଆକାଉଣ୍ଟକୁ ଟଙ୍କା ଯାଇ ନ ଥିଲା। ସେ ମଧ୍ୟ ଗୁଗୁଲରେ କଷ୍ଟମର କେୟାର ଟୋଲଫ୍ରି ନମ୍ବର ସର୍ଚ୍ଚ କରି ସାଇବର ଠକଙ୍କ ହାବୁଡ଼ରେ ପଡିଯାଇଥିଲେ। ପ୍ରଶାନ୍ତ ଭଳି ତାଙ୍କ ଆକାଉଣ୍ଟରୁ ୬୦ ହଜାର ଟଙ୍କା କଟିଯାଇଥିଲା।

ତୃତୀୟ ଠକେଇର ଶିକାର ହୋଇଥିବା ଜୟପ୍ରକାଶ ଲୋନ୍ ପାଇଁ ଏକ ଫାଇନାନ୍ସ ସଂସ୍ଥାରେ ୬ ମାସ ହେବ ଆବେଦନ କରିଥିଲେ। କିନ୍ତୁ ଉକ୍ତ ସଂସ୍ଥା ଫେରାଇ ଦେଇଥିଲା। କିଛିଦିନ ପରେ ଜଣେ ବ୍ୟକ୍ତି ଫୋନ୍ କରି ଲୋନ୍ ନେବାକୁ ଚାହୁଁଛ ବୋଲି ଫୋନ କରି ପଚାରିଥିଲେ। ଜୟପ୍ରକାଶ ଉକ୍ତ ଫାଇନାନ୍ସ କମ୍ପାନୀର କର୍ମଚାରୀ ଭାବି ହଁ ମାରିଥିଲେ। ଏହାପରେ ଅନ୍‌ଲାଇନ୍ ମାଧ୍ୟମରେ ୩ଲକ୍ଷ ଟଙ୍କାର ଲୋନ୍ ପାଇଁ ପ୍ରଥମେ ପ୍ରୋସେସିଂ ଚାର୍ଜ ୯ହଜାର ଟଙ୍କା ନେବା ପରେ ନାନା ଆଳ ଦେଖାଇ ୮୦ହଜାର ଟଙ୍କା ଲୁଟି ନେଇଥିଲେ।

ଏନେଇ କ୍ରାଇମ୍‌ବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ କୁହନ୍ତି, ଲୋକଙ୍କୁ ବାରମ୍ବାର ସଚେତନ କରାଯାଉଥିଲେ ମଧ୍ୟ ସେମାନେ ସାଇବର ଠକଙ୍କ ଶିକାର ହେଉଛନ୍ତି। ଏ ସଂକ୍ରାନ୍ତରେ ଅଭିଯୋଗ ଆସିଲେ ପ୍ରତି ଥାନା ମାମଲା ରୁଜୁ କରି ତଦନ୍ତ କରିବାକୁ ବାଧ୍ୟ। ନିକଟରେ ଡିଜିପି ଏନେଇ ସବୁ ଥାନାକୁ ଏକ ସର୍କ୍ୟୁଲାର ଜାରି କରିଛନ୍ତି। ୧୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଠକେଇ ହେଲେ କଟକ ସାଇବର ଥାନାରେ ମାମଲା ହେବ। ଲୋକାଲ ଥାନା ମାମଲା ରୁଜୁ କରୁ ନ ଥିଲେ ଡିସିପିଙ୍କୁ ଜଣାଇବାକୁ ସେ କହିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ଅଗଷ୍ଟ ୧୯/୨୦୧୯ Bhubaneswar, Monday, August 19/2019

## ସଂକ୍ଷେପରେ

### ଜଟଣୀର ପ୍ରତିଷ୍ଠିତ ବ୍ୟବସାୟୀ ନିଖୋଜ
#### ପାଣିରେ ବୁଡ଼ି ଯାଇଥିବା ସନ୍ଦେହ

**ଜଟଣୀ,୧୮।୮(ଡି.ଏନ.ଏ.):** ଜଟଣୀର ପ୍ରତିଷ୍ଠିତ ବ୍ୟବସାୟୀ ଇନ୍ଦର କୁମାର ଅଗ୍ରୱାଲା(୬୨) ନିଖୋଜ ହେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ଶନିବାର ସନ୍ଧ୍ୟାରୁ ସେ ନିଖୋଜ ହୋଇଛନ୍ତି। ଏଠାରେ ଥିବା ଏକ ଡାଲି ଓ ରାଇସ୍ ମିଲ୍‌ର ସେ ପାର୍ଟନର ଥିଲେ। ମିଲ୍‌ରୁ ଶନିବାର ସନ୍ଧ୍ୟା ପ୍ରାୟ ୭ଟାରେ ବାହାରିଥିଲେ। ହେଲେ ସେ ଘରକୁ ଫେରି ନ ଥିଲେ। ଫେରିବା ବିଳମ୍ବ ହେବାରୁ ଘର ଲୋକେ ଅନେକ ଖୋଜାଖୋଜି କରି ନିରାଶ ହୋଇଥିଲେ। ପରେ ରାତିରେ ଜଟଣୀ ଥାନାରେ ତାଙ୍କ ପୁଅ ଅମର ଅଗ୍ରୱାଲା ବାପାଙ୍କ ନିଖୋଜ ନେଇ ଅଭିଯୋଗ କରିଥିଲେ। ତାଙ୍କର ମୋବାଇଲ ଟ୍ରାକିଂରେ ଦେଖାଉଥିବା ଅଞ୍ଚଳ ଓ କିଛି ଲୋକଙ୍କ ସୂଚନାକୁ ଆଧାର କରି ଜଟଣୀ ନିକଟବର୍ତ୍ତୀ ପିପିଲି ଥାନା କାକୁଡ଼ିଆସ୍ଥିତ ଦୟାନଦୀ ପାଣିରେ ବୁଡ଼ି ଯାଇଥିବା ନେଇ ପୋଲିସ ଓ ଅନ୍ୟମାନେ ଅନୁମାନ କରିଥିଲେ। ଫଳରେ କାକୁଡ଼ିଆସ୍ଥିତ ଦୟାନଦୀରେ ପିପିଲି ଓ ସତ୍ୟବାଦୀର ଅଗ୍ନିଶମ ବିଭାଗ କର୍ମଚାରୀ ମୋଟର ବୋଟ୍ ମାଧମରେ ରବିବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଜାଖୋଜି କରି ନିରାଶ ହୋଇଥିବା ଖବର ଲେଖା ହେବା ଯାଏ ଜଣାପଡିଛି। ଜଟଣୀ ପୋଲିସ ମଧ ନିଖୋଜ ଇନ୍ଦରଙ୍କୁ ଠାବ କରିବାକୁ ଉଦ୍ୟମ ଜାରି ରଖିଛି। ଏପରି ନିଖୋଜକୁ ନେଇ ଇନ୍ଦର ଙ୍କ ପରିବାର ଲୋକେ ଚିନ୍ତାରେ ରହିଛନ୍ତି। ଅପରପକ୍ଷରେ ସେ ପାଣିରେ ବୁଡି ଯାଇଛନ୍ତି ନା ଅନ୍ୟ କେଉଁଆଡେ ନିଖୋଜ ହୋଇଛନ୍ତି ଏହାକୁ ନେଇ ସାଧାରଣରେ ନାନା କଳ୍ପନା ଜଳ୍ପନା ସୃଷ୍ଟି କରିଛି। ଜଟଣୀ ପୋଲିସ ନଂ. ୫୭/୧୯ରେ ନିଖୋଜ ମାମଲା ରୁଜୁ କରି ଅନୁସନ୍ଧାନ ଜାରି ରଖିଛି।

### ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଭୁବନେଶ୍ୱର,୧୮।୮(ବ୍ୟୁରୋ):** ନୟାପଲ୍ଲୀ ଥାନା ତ୍ରିନାଥ ବସ୍ତିରେ ଜଣେ ଯୁବତୀଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। ଘରର ଏକ ଫ୍ୟାନରେ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହକୁ ଉଦ୍ଧାର କରାଯାଇଛି। ମୃତ ଯୁବତୀ ଜଣକ ହେଲେ ବି ସୁରେନ୍ଦ୍ର ରେଡ୍ଡିଙ୍କ ଝିଅ ବି. ସନ୍ତୋଷୀ ରେଡ୍ଡି (୨୨)। ତାଙ୍କ ଘର ଗଞ୍ଜାମ ଜିଲାର ଦିଗପହଣ୍ଡି ଅଞ୍ଚଳରେ। ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନାନୁସାରେ, ଶନିବାର ବିଳମ୍ବିତ ରାତିରେ ବାପା ଓ ସାନ ଭାଇ ଖାଇ ସାରିବା ପରେ ସନ୍ତୋଷୀ ଶୋଇବାକୁ ଯାଇଥିଲେ। ରାତି ପ୍ରାୟ ୧୧ଟାରେ ତାଙ୍କ ଘରକୁ ଲାଗିଥିବା ଜଣେ ପଡୋଶୀଙ୍କ ମୋବାଇଲ୍ ଫୋନ୍‌କୁ ସନ୍ତୋଷୀ ଫ୍ୟାନ୍‌ରେ ଝୁଲୁଥିବା ଫଟୋ ଆସିଥିଲା। ସେ ତୁରନ୍ତ ତାଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ସନ୍ତୋଷୀ ଶୋଇଥିବା ଘର କବାଟ ବାଡେଇବାରୁ ସେ ଖୋଲି ନ ଥିଲେ। ଫଳରେ କବାଟ ଭଙ୍ଗାଯିବା ପରେ ସନ୍ତୋଷୀ ଫ୍ୟାନରେ ଚୁନି ଲଗାଇ ଝୁଲୁଥିବା ଦେଖିବାକୁ ପାଇଥିଲେ। ପରିବାର ଲୋକ ସନ୍ତୋଷୀଙ୍କୁ ଉଦ୍ଧାର କରି ତୁରନ୍ତ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ୯୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ପୋଲିସ କହିଛି।

### ଏସ୍‌ସିବି ମେଡିକାଲରେ ୨୩ ଡେଙ୍ଗୁ ରୋଗୀ

**କଟକ ଅଫିସ, ୧୮।୮:** କଟକ ଏସ୍‌ସିବି ମେଡିକାଲରେ ଡେଙ୍ଗୁରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ରବିବାର ୨୮ଟି ରକ୍ତ ନମୂନା ପରୀକ୍ଷା ପାଇଁ ପରୀକ୍ଷାଗାରକୁ ଆସିଥିଲା। ସେଥିମଧ୍ୟରୁ ୩ଟିରେ ଡେଙ୍ଗୁ ପଜେଟିଭ ଚିହ୍ନଟ କରାଯାଇଛି। ପଜେଟିଭ ରୋଗୀଙ୍କ ମଧ୍ୟରେ ଭଦ୍ରକ, ଜଗତ୍‌ସିଂହପୁର ଓ ପଶ୍ଚିମବଙ୍ଗର ଜଣେ ଲେଖାଏଁ ରହିଛନ୍ତି। ଏସ୍‌ସିବିରେ ୨୩ ଜଣ ଡେଙ୍ଗୁ ରୋଗୀ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୧୮ ଜଣ ସ୍ୱତନ୍ତ୍ର ୱାର୍ଡରେ ରହିଥିବାବେଳେ ଗୁରୁତର ୫ଜଣ ଆଇସିୟୁରେ ଭର୍ତ୍ତି ହୋଇଥିବା ଡା. ଶ୍ରୀପ୍ରସାଦ ମହାନ୍ତି କହିଛନ୍ତି।

## ଭୋକମୁକ୍ତ ଓଡ଼ିଶା ଲକ୍ଷ୍ୟ
# ପ୍ରତିଷ୍ଠା ହେଲା ରାଜ୍ୟର ପ୍ରଥମ ଫୁଡ୍ ବ୍ୟାଙ୍କ

- ବଳକା ଖାଦ୍ୟ ନ ଫୋପାଡ଼ି ଦାନ କରିବାକୁ ପରାମର୍ଶ
- ସ୍ୱତନ୍ତ୍ର ମୋବାଇଲ୍ ଆପ୍ ସହ ୱେବ୍‌ପୋର୍ଟାଲ ଉଦ୍‌ଘାଟିତ
- ଓଡ଼ିଶାର ଏକଷଷ୍ଠାଂଶ ଲୋକ ଆବଶ୍ୟକ ଖାଦ୍ୟରୁ ବଞ୍ଚିତ

**ଭୁବନେଶ୍ୱର,୧୮।୮(ବ୍ୟୁରୋ)**

ଭୋକମୁକ୍ତ ଓଡ଼ିଶା ଗଠନ ନିମନ୍ତେ ସୋ ଆମ୍ ଆଇ ଫାଉଣ୍ଡେଶନ (ସାଇ) ପ୍ରତିଷ୍ଠା କରିଛି ଓଡିଶାର ପ୍ରଥମ ଖାଦ୍ୟ ବ୍ୟାଙ୍କ। ଭୁବନେଶ୍ୱର ଆଚାର୍ଯ୍ୟ ବିହାରଠାରେ ରବିବାର ଉଦ୍‌ଘାଟିତ ହୋଇଥିବା ଏହି ଫୁଡ୍ ବ୍ୟାଙ୍କ ସହରରେ ଅସହାୟ ଲୋକଙ୍କୁ ଆହାର ଯୋଗାଇବା ପାଇଁ କାର୍ଯ୍ୟ କରିବ। ରାଜ୍ୟକୁ ଭୋକମୁକ୍ତ କରିବା ସହ କୁପୋଷଣରୁ ରକ୍ଷାକରିବା ଏବଂ ଖାଦ୍ୟ ନଷ୍ଟକୁ ରୋକିବା ଦିଗରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିବ। ବ୍ୟକ୍ତିଗତ ହେଉ କି ବାହାଘର, ହୋଟେଲ, କର୍ପୋରେଟ୍ ଅଫିସ୍, ସମସ୍ତଙ୍କ ସହ ଯୋଗସୂତ୍ର ରକ୍ଷାକରି ସେଠାରୁ ମିଳୁଥିବା ବଳକା ଖାଦ୍ୟକୁ ଏହା ସହରର ଗରିବ ଓ ଅସହାୟ ଲୋକଙ୍କ ନିକଟରେ ପହଞ୍ଚାଇବ।

ବିଶ୍ୱ କ୍ଷୁଧା ତାଲିକାରେ ଭାରତ ଉପରେ ରହିଛି। ଭାରତରେ ପ୍ରାୟ ୨୫୦ ମିଲିୟନ ଲୋକ ଖାଦ୍ୟ ନ ପାଇ ପ୍ରତିଦିନ ଉପାସରେ ରାତ୍ରିଯାପନ କରିଥାନ୍ତି। ସେହିଭଳି ଜାତୀୟସ୍ତରରେ ଦେଖିବାକୁ ଗଲେ ଓଡିଶା ମଧ ଏକ ଗରିବ ରାଜ୍ୟ ରୂପେ ପରିଗଣିତ। ଏହାର ସମୁଦାୟ ଜନସଂଖ୍ୟାର ଏକଷଷ୍ଠାଂଶ ଆବଶ୍ୟକ ଖାଦ୍ୟରୁ ବଞ୍ଚିତ। ଏହାକୁ ଦୃଷ୍ଟିରେ ରଖି ସାଇ ପକ୍ଷରୁ ଏଭଳି ଏକ ଅଭିନବ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହା ମାଧ୍ୟମରେ ବିଭିନ୍ନ ବାହାଘର, ବ୍ରତଘର ଭୋଜି, ଉତ୍ସବ ମହୋତ୍ସବ ଏବଂ ରେଷ୍ଟୁରାଣ୍ଟରେ ବଳକା ରହି ଯାଉଥିବା ଖାଦ୍ୟକୁ ଲୋକେ ଫୁଡ୍ ବ୍ୟାଙ୍କ୍‌କୁ ଦାନ କରିପାରିବେ। ଖାଦ୍ୟ ଦାନ କରିବା ନିମନ୍ତେ ପ୍ରଥମେ ଫାଉଣ୍ଡେଶନକୁ ଫୋନ୍ କରି ବଳକା ଖାଦ୍ୟ ନିକଟସ୍ଥ ଖାଦ୍ୟ ବ୍ୟାଙ୍କ୍‌ରେ ଦେଇପାରିବେ। ଯଦି ଜଣେ ଖାଦ୍ୟ ବ୍ୟାଙ୍କ୍‌କୁ ଆସିବାକୁ ଅସମର୍ଥ ତେବେ ଜଣାଇଲେ ଫାଉଣ୍ଡେଶନର ସ୍ୱେଚ୍ଛାସେବୀମାନେ ସେମାନଙ୍କ ନିକଟକୁ ଯାଇ ଖାଦ୍ୟ ସଂଗ୍ରହ କରିବେ। ଉକ୍ତ ଖାଦ୍ୟକୁ ପର୍ଯ୍ୟାୟୀକରଣ ଏବଂ ସ୍ୱଚ୍ଛଭାବେ ଫ୍ରିଜର୍‌ରେ ସଂରକ୍ଷିତ କରି ରଖାଯିବ। ଖାଦ୍ୟକୁ ପ୍ରଥମେ ଗରମ କରାଯିବା ପରେ ତାହାକୁ ସ୍ୱେଚ୍ଛାସେବୀଙ୍କ ସହାୟତାରେ ଆବଶ୍ୟକ କରୁଥିବା ଲୋକଙ୍କୁ ବିତରଣ କରାଯିବ। ଆଗାମୀ ଦିନରେ ରସୁଲଗଡ଼ ଏବଂ ଫରେଷ୍ଟ ପାର୍କ ଅଞ୍ଚଳରେ ଖାଦ୍ୟ ବ୍ୟାଙ୍କ ଖୋଲାଯିବାକୁ ଯୋଜନା ରହିଛି। ସାମାଜିକ କର୍ମୀ ପିନାକୀ ମହାନ୍ତି ଏବଂ ଚିଦାତ୍ମିକା ଖଟୁଆଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ଏହି ଅଭିଯାନ ୨୦୨୫ ସୁଦ୍ଧା ଓଡିଶାରେ ଭୋକିଲା ଲୋକଙ୍କ ସଂଖ୍ୟା ହ୍ରାସ କରି ଭୋକମୁକ୍ତ ରାଜ୍ୟରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛି। ଏହାସହ ଭବିଷ୍ୟତରେ ସମଗ୍ର ଓଡିଶାରେ ଖାଦ୍ୟ ବ୍ୟାଙ୍କର ଏକ ଦୃଢ ନେଟ୍‌ୱର୍କ ପ୍ରତିଷ୍ଠା କରିବା ଓ ସବୁ ଜିଲାରେ ଅତି କମ୍‌ରେ ଗୋଟିଏ ଖାଦ୍ୟ ବ୍ୟାଙ୍କ୍ ଉପଲବ୍ଧ କରିବାକୁ ସାଇ ଲକ୍ଷ୍ୟ ରଖିଛି। ଏହି ଫୁଡ୍ ବ୍ୟାଙ୍କ୍‌ର ସ୍ୱତନ୍ତ୍ର ମୋବାଇଲ୍ ଆପ୍ଲିକେଶନ ସହ ସ୍ୱତନ୍ତ୍ର ୱେବ୍‌ପୋର୍ଟାଲ ରବିବାର ଇଉକଲ୍ ଅଡିଟୋରିୟମ୍‌ଠାରେ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ଏହି ମୋବାଇଲ୍ ଆପ୍ ଏବଂ ୱେବ୍‌ପୋର୍ଟାଲ ମାଧ୍ୟମରେ ଜଣେ ନିକଟସ୍ଥ ଫୁଡ୍ ବ୍ୟାଙ୍କ୍ ସହ ଯୋଗାଯୋଗ କରିପାରିବ।



ଫୁଡ୍ ବ୍ୟାଙ୍କ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ଚିନ୍ତା ବଢ଼ାଇଲା ମାଲେସିଆ ଜାହାଜ
# କଣ୍ଟେନରରେ ୫ଫୁଟର ଫାଟ, ପଶିଲା ପାଣି



**ବ୍ରହ୍ମଗିରି/କୃଷ୍ଣପ୍ରସାଦ, ୧୮।୮(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଚିଲିକା ମୁହାଁଣର ରାଜହଂସ ଓ ଖିରିସାହି ଗାଁ ନିକଟ ବଙ୍ଗୋପସାଗର ଉପକୂଳରେ ଲାଗିଥିବା ମାଲେସିଆ ଜାହାଜ ଦିନକୁ ଦିନ ଚିନ୍ତା ବଢ଼ାଇବାରେ ଲାଗିଛି। ୧୨ ଦିନ ଧରି ଜାହାଜଟି ସେଠାରେ ରହିଛି। ବର୍ତ୍ତମାନ ସମୁଦ୍ର ଅଶାନ୍ତ ଓ ଉଚ୍ଚ ଲହଡି ମାଡ଼ ଯୋଗୁ ଜାହାଜଟି ଢଳିବାରେ ଲାଗିଛି। କଣ୍ଟେନରରେ ୫ ଫୁଟର ଫାଟ ସୃଷ୍ଟି ହୋଇଥିବା ଯୋଗୁ ଏହି ଫାଟ ଦେଇ ସମୁଦ୍ରର ଜୁଆର ପାଣି ପଶୁଛି। ଏହି ଜାହାଜ ଭିତରେ ୩୦ ହଜାର ଲିଟର ପେଟ୍ରୋଲ, ୧ ହଜାର ଲିଟର ଲ୍ୟୁବ୍‌ଅଏଲ ଓ ୨ଶହ ଲିଟର ହାଇଡ୍ରୋଲିକ୍ ଅଏଲ ରହିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଜାହାଜଟି ଯଦି ଆଉ ଅଧିକ ଢଳେ ତେବେ ଏହି ଅଏଲ ଲିକ୍ ହେବ ଯାହାଫଳରେ ଚିଲିକାର ଜୈବ ବିବିଧତା ଉପରେ ପ୍ରଭାବ ପଡ଼ିବ। ତୁରନ୍ତ ଏହି ଜାହାଜଟିକୁ ଉପକୂଳରୁ ହଟାଇବା ପାଇଁ ସ୍ଥାନୀୟ ମତ୍ସ୍ୟଜୀବୀ ଦାବି କରିଛନ୍ତି। ପୂର୍ବରୁ ଜାହାଜରୁ ତେଲ ଲିକ୍ ହେବା ଆଶଙ୍କା କରି ଭାରତୀୟ ତଟରକ୍ଷୀ ବାହିନୀ ମାଲେସିଆର 'ଟଗ୍ ଜିନ୍ ହ୍ୱା' କମ୍ପାନୀକୁ ଚିଠି ଲେଖି ଅବଗତ କରିଥିଲା। ଜାହାଜରୁ ଯେପରି ତେଲ ଲିକ୍ ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଚିଠିରେ ଅବଗତ କରାଯାଇଥିଲା।

ତେବେ ଏହି ଜାହାଜଟିକୁ ଦେଖିବାକୁ ଦିନକୁ ଦିନ ସ୍ଥାନୀୟ ଲୋକଙ୍କ ଭିଡ଼ ବଢୁଛି। ଫଳରେ ଡଙ୍ଗା ଚାଳକଙ୍କଠାରୁ ଆରମ୍ଭ କରି କିଛି ଉଠା ବ୍ୟବସାୟୀଙ୍କ ବେପାର ଜମୁଛି। ଡଙ୍ଗା ଚାଳକମାନେ ଜାହାଜ ଦେଖିବାକୁ ଯାଉଥିବା ଲୋକମାନଙ୍କୁ ଡଙ୍ଗାରେ ପାରି କରିଦେବା ପାଇଁ ଶହେ ଟଙ୍କା ଲେଖାଏଁ ଭଡ଼ା ନେଉଥିବା ବେଳେ କେତେକ ଉଠାଦୋକାନୀ ସେଠାରେ ନିଜର ପସରା ମେଲି ଦେଇଛନ୍ତି।


ନବମ ଗୁରୁଶ୍ରୀ ସମ୍ମାନ ପ୍ରଦାନ ଉତ୍ସବରେ ଅତିଥିଙ୍କଠାରୁ ସମ୍ମାନ ଗ୍ରହଣ କରୁଛନ୍ତି ଗୀତା ମହାଲିକ।

## ଗୀତା ମହାଲିକଙ୍କୁ ୯ମ ଗୁରୁଶ୍ରୀ ସମ୍ମାନ

**ଭୁବନେଶ୍ୱର,୧୮।୮(ବ୍ୟୁରୋ)**

ପ୍ରଜ୍ଞା ନୃତ୍ୟାୟନ ପକ୍ଷରୁ ନବମ ଗୁରୁଶ୍ରୀ ସମ୍ମାନ ପ୍ରଦାନ ଉତ୍ସବ ରବିବାର ସ୍ଥାନୀୟ ରବୀନ୍ଦ୍ରମଣ୍ଡପରେ ଉଦ୍‌ଘାଟିତ ହୋଇଛି। ଦୁଇଦିନିଆ ଉତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥିଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ଗୁରୁ ରାମହରି ଦାସ, ଗୁରୁ ଦୁର୍ଗାଚରଣ ରଣବୀର, ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ଗୁରୁ ସ୍ୱୟଂପ୍ରଜ୍ଞା ସାହୁ, ସଭାପତି ନବକିଶୋର ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବରିଷ୍ଠ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଗୀତା ମହାଲିକ୍‌ଙ୍କୁ ନବମ ଗୁରୁଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା। ସଭାପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦଳଗତ ନୃତ୍ୟରେ 'ରାମାୟଣ' ପରିବେଷଣ କରାଯାଇଥିଲା। ସମସ୍ତ ବିଷୟବସ୍ତୁକୁ ଶିଳ୍ପୀମାନେ ଅତିସୁନ୍ଦରଭାବେ ଉପସ୍ଥାପନ କରିଥିଲେ। ଗୁରୁ ସ୍ୱୟଂପ୍ରଜ୍ଞା ସାହୁ ଏହାର ନୃତ୍ୟ ନିର୍ଦ୍ଦେଶନା ଦେଇଥିବାବେଳେ ସଂଯୋଜନା କରିଥିଲେ ଗୁରୁ ଦୁର୍ଗାଚରଣ ରଣବୀର। ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ରାମହରି ଦାସ। ପରବର୍ତ୍ତୀ ପ୍ରସ୍ତୁତିରେ ଗୁରୁ ସୁରେଶ ଖୁଣ୍ଟିଆଙ୍କ ନୃତ୍ୟ ସଂଯୋଜନାରେ ଶିଳ୍ପୀମାନେ 'ଯମୁନାକୁ ଆଉ ଯାଆନା'ରେ ନୃତ୍ୟ ପରିବେଷଣ କରିଥିଲେ। ପରେ ଗୁରୁ ସ୍ୱୟଂପ୍ରଜ୍ଞା ସାହୁଙ୍କ ନୃତ୍ୟ ସଂଯୋଜନା, ଗୁରୁ ରାମହରି ଦାସଙ୍କ ସଙ୍ଗୀତ ଏବଂ ଧନେଶ୍ୱର ସ୍ୱାଇଁଙ୍କ ତାଳ ସଂଯୋଜନାରେ ମନୋରଞ୍ଜନ ମହାରଣା ଏବଂ ସ୍ୱାତୀଲିପ୍ସା ଦାସ ଯୁଗଳବନ୍ଦୀରେ ରାଧା ରାଣୀ ସଙ୍ଗେ ନାଚେ ମୁରଲୀ' ମଞ୍ଚସ୍ଥ କରିଥିଲେ। ଡ. ଶ୍ରୀନିବାସ ଘଟୁଆରୀ ସନ୍ଧ୍ୟାର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ଟ୍ରେନ୍‌ରୁ ନାବାଳକ ଉଦ୍ଧାର

**ଭୁବନେଶ୍ୱର, ୧୮।୮(ବ୍ୟୁରୋ)**

ହାଓଡ଼ା-ଚେନ୍ନାଇ ମେଲ୍ ଟ୍ରେନ୍‌ରୁ ଅସହାୟ ଅବସ୍ଥାରେ ଜଣେ ନାବାଳକଙ୍କୁ ଆର୍‌ପିଏଫ୍ ଶନିବାର ଉଦ୍ଧାର କରିଛି। ଭଦ୍ରକ-ଖୋର୍ଦ୍ଧାରୋଡ ମଧ୍ୟରେ ଏସ୍କର୍ଟିଂ ବେଳେ ଆର୍‌ପିଏଫ୍ କନଷ୍ଟେବଳ କେ.ସି. ପ୍ରଧାନ ଓ ଡି. ନାଥ ଏହି ନାବାଳକଙ୍କୁ ବେଶିନ ପାଖରେ ଏକୁଟିଆ ବସିଥିବା ଦେଖିଥିଲେ। ତାଙ୍କୁ କେହି ଚାଲାଣ କରୁଥିବା ସନ୍ଦେହ କରି ପଚରାଉଚରା କରିବା ପରେ ପରିଚୟ ମିଳିଥିଲା। ସେ ହେଲେ ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅନ୍ତର୍ଗତ ନୂଆସାହିର ରାମ ବିନ୍ଧାଣୀଙ୍କ ପୁଅ ବବୁଲ। ପାଠପଢ଼ା ଭୟରେ ସେ ଘରୁ ଲୁଚି ପଳାଇ ଆସିଥିବା ବବୁଲ କହିଥିଲେ। ପରେ ତାଙ୍କୁ ଖୋର୍ଦ୍ଧା ରୋଡ ରେଳ ଷ୍ଟେଶନ ଜିମା ଦିଆଯାଇଥିଲା। ପରେ ଶିଶୁ ସୁରକ୍ଷା କର୍ମୀ ଆସି ତାଙ୍କୁ ଶିଶୁଯତ୍ନ ଅନୁଷ୍ଠାନରେ ରଖିଥିବା ଆର୍‌ପିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି।

## ସବୁଜିମା ଫେରାଇ ଆଣିବାକୁ ଉଦ୍ୟମ
# ଶୁଭାରମ୍ଭ ହେଲା ଚାରା ବିତରଣ କାର୍ଯ୍ୟକ୍ରମ

- ଭୁବନେଶ୍ୱର, କଟକ, ପୁରୀରେ ବୁଲିବ ୨୫ ଗାଡ଼ି
- ୨୧ ତାରିଖ ପର୍ଯ୍ୟନ୍ତ ବିନାମୂଲ୍ୟରେ ଦିଆଯିବ ଚାରା

**ଭୁବନେଶ୍ୱର, ୧୮।୮(ବ୍ୟୁରୋ)**

ବାତ୍ୟା 'ଫନୀ'ରେ ପୁରୀ, ଭୁବନେଶ୍ୱର ଓ କଟକ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା। ଏହି ୩ ସହରରେ ସବୁଜିମା ଫେରାଇ ଆଣିବା ପାଇଁ ବନବିଭାଗ ପଦକ୍ଷେପ ନେଇଛି। ରବିବାରଠାରୁ ସହରବାସୀଙ୍କୁ ବିନାମୂଲ୍ୟରେ ଚାରା ବିତରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିପାଇଁ ଭୁବନେଶ୍ୱରରେ ୧୫, କଟକ ଓ ପୁରୀ ସହର ପାଇଁ ୫ ଲେଖାଏ ଗାଡ଼ି ବ୍ୟବସ୍ଥା ହୋଇଛି। ଉକ୍ତ ଗାଡ଼ି ବୁଲିବୁଲି ଲୋକଙ୍କୁ ଚାରା ବଣ୍ଟନ କରିବା ସହ ସଚେତନତା ସୃଷ୍ଟି କରିବ। ଲୋକଙ୍କ ମନରେ ସଚେତନତା ସୃଷ୍ଟି ପାଇଁ ଆବଶ୍ୟକ ପୋଷ୍ଟର ଲଗାଯିବା ସହ ସଜାଯାଇଛି। ଡାକବାଜି ଯନ୍ତ୍ର ମାଧ୍ୟମରେ ଚାରା ରୋପଣ ସମ୍ପର୍କିତ ସଙ୍ଗୀତ ଗାନ କରାଯିବା ସହ ଜଙ୍ଗଲ ବିଭାଗ କର୍ମଚାରୀଙ୍କ ଦ୍ୱାରା ଜନସାଧାରଣଙ୍କୁ ଅବଗତ କରାଯାଉଛି। ଭୁବନେଶ୍ୱର ନଗର ବନଖଣ୍ଡ, ଚନ୍ଦକା ବନଖଣ୍ଡ ଓ ପୁରୀ ବନଖଣ୍ଡ ଏହାର ଦାୟିତ୍ୱ ନେଇଛନ୍ତି। ଏହି ଭ୍ରାମ୍ୟମାଣ ଗାଡ଼ିଗୁଡ଼ିକୁ ସହରର ବିଭିନ୍ନ ଛକ, କଲୋନୀ, ଗଳିକନ୍ଦିରେ ବୁଲିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ବ୍ୟକ୍ତିଙ୍କୁ ସହରାଞ୍ଚଳରେ ସର୍ବାଧିକ ୫ ଓ ସହରତଳିଆ ଅଞ୍ଚଳରେ ୧୦ ଚାରା ଯୋଗାଇ ଦିଆଯିବ। ଅନୁଷ୍ଠାନ ଓ ସଂସ୍ଥାମାନଙ୍କୁ ମଧ୍ୟ ଆବଶ୍ୟକତା ଅନୁଯାୟୀ ବୃକ୍ଷଚାରା ଦିଆଯିବା ପାଇଁ ବ୍ୟବସ୍ଥା କରାଯାଇଛି। ଏଚ୍‌ଡିଏଫ୍‌ସି ବ୍ୟାଙ୍କର କର୍ପୋରେଟ୍ ସାମାଜିକ ଦାୟିତ୍ୱ ପାଣ୍ଠିରୁ ଏହି କାର୍ଯ୍ୟକ୍ରମର ପ୍ରଚାର, ପ୍ରସାର ଓ ପରିବହନର ସମସ୍ତ ଖର୍ଚ୍ଚ ବହନ କରାଯାଇଛି। ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମକୁ ଶନିବାର ୟୁନିଟ-୬ସ୍ଥିତ ବିଜୁ ପଟ୍ଟନାୟକ ଉଦ୍ୟାନଠାରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଶୁଭାରମ୍ଭ କରିଛନ୍ତି।

ଏହି ଅବସରରେ ପାଢ଼ୀ କହିଛନ୍ତି, ବୃକ୍ଷ ହେଉଛି ଆମର ଜୀବନ। ପରିବେଶର ସୁରକ୍ଷା ତଥା ଜୀବଜଗତର ସନ୍ତୁଳନ ପାଇଁ ଆମକୁ ବ୍ୟାପକ ବୃକ୍ଷ ଚାରା ରୋପଣ କରିବାକୁ ହେବ। ବନ ବିଭାଗର ବିନାମୂଲ୍ୟରେ ଚାରା ବିତରଣ କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଜନସାଧାରଣ ସାମିଲ ହୋଇ ସବୁଜ ସହର ପାଇଁ ଆଗେଇ ଆସିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ପିସିସିଏଫ୍ ସନ୍ଦୀପ ତ୍ରିପାଠୀ କହିଛନ୍ତି, ଆମ ପାଖରେ ୧ଲକ୍ଷରୁ ଊର୍ଦ୍ଧ୍ୱ ଚାରା ମହଜୁଦ ରହିଛି। ଅଧିକ ସଂଖ୍ୟାରେ ଲୋକେ ଏଥିରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମ ଶୁଭାରମ୍ଭ ଅବସରରେ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା, ସ୍ୱତନ୍ତ୍ର ରିଲିଫ୍ କମିଶନର ବିଷ୍ଣୁପଦ ସେଠୀ, ରାଜସ୍ୱ ବିଭାଗର ପ୍ରମୁଖ ଶାସନ ସଚିବ ନିକୁଞ୍ଜ କିଶୋର ଧଳ, ଏଚ୍‌ଡିଏଫ୍‌ସିର ଆଞ୍ଚଳିକ ମୁଖ୍ୟ ରାଜେଶ ଶ୍ରୀବାସ୍ତବ, ଅତିରିକ୍ତ ପିସିସିଏଫ୍ ଏ.କେ. ପାଠକଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ, ବୁଦ୍ଧିଜୀବୀ ଓ ସହରବାସୀ ଉପସ୍ଥିତ ଥିଲେ। ରବିବାର ପୁରୀଠାରେ ମଧ୍ୟ ଚାରା ବଣ୍ଟନ ପାଇଁ ୫ ସୁସଜ୍ଜିତ ଗାଡ଼ିକୁ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା।


କାର୍ଯ୍ୟକ୍ରମକୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଓ ଅନ୍ୟମାନେ ଉଦ୍‌ଘାଟନ କରୁଛନ୍ତି।


ରସୁଲଗଡ଼ ଛକରେ ଲୋକଙ୍କୁ ଚାରା ବଣ୍ଟନ କରାଯାଉଛି।




38
3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଉଥାଏ, ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲ୍ଟନ୍



## ସଂକ୍ଷେପରେ

### ଦିବ୍ୟାଙ୍ଗ ମାନସଙ୍କୁ ଟ୍ରାଇ ସାଇକେଲ, ଆଶାବାଡ଼ି ପ୍ରଦାନ

**ବାଙ୍କୀ,୧୮।୮(ସ୍ୱ.ପ୍ର.):** ବାଙ୍କୀ ବ୍ଲକ ଅନ୍ତର୍ଗତ କାଳିପୋଇ ପଞ୍ଚାୟତ ଚଢ଼େଇ ବନ୍ଧଗ୍ରାମର ଦିବ୍ୟାଙ୍ଗ ମାନସ ଦଳେଇ(୩୬)ଙ୍କୁ ଟ୍ରାଇ ସାଇକେଲ ଓ ଆଶାବାଡ଼ି ପ୍ରଦାନ କରାଯାଇଛି। ସାମାଜିକ କର୍ମୀ ଗୌତମ ମିଶ୍ର ମାନସଙ୍କୁ ଚଢେଇ ବନ୍ଧ ଗ୍ରାମରେ ଚିହ୍ନଟ କରି ବାଙ୍କୀ ବ୍ଲକକୁ ଆଣିଥିଲେ। ପରେ ବ୍ଲକ ସୁରକ୍ଷା ବିଭାଗ ପକ୍ଷରୁ ଏହି ସହାୟତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁରକ୍ଷା ବିଭାଗ କର୍ମଚାରୀ ସୁଶ୍ରୀ ସ୍ୱର୍ଣ୍ଣପ୍ରଭା ନାୟକ, ମୁଖ୍ୟ କିରାଣି ବୃନ୍ଦାବନ ନାୟକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ମିଶ୍ର, ପ୍ରଦୀପ କୁମାର ସ୍ୱାଇଁ, ସାମାଜିକ କର୍ମୀ ମିଶ୍ର ଓ ପୂର୍ବତନ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦିବାକର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ପୂର୍ବତନ ସେନା ଅଧିକାରୀ ସମ୍ବର୍ଦ୍ଧିତ



**ଲଳିତଗିରି,୧୮।୮(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଅଧୀନ ବାସୁଦେବପୁର ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ଅବସରରେ ବାଣପୁର ଗ୍ରାମର ଅବସରପ୍ରାପ୍ତ ସେନା ଅଧିକାରୀ ନୀଳମଣି ରାଉତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସରପଞ୍ଚ ଲକ୍ଷ୍ମଣ ପାତ୍ର ଯୋଗଦେଇ ରାଉତରାୟଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଶୁକଦେବ ବେହେରା, ଉପେନ୍ଦ୍ର ରାଉତ, ସରୋଜ ସାମଲ, ଅଶୋକ ମହାନ୍ତି, ଗଣେଶ୍ୱର ମହାନ୍ତି, ବୈଷ୍ଣବ ଚରଣ ମହାନ୍ତି, ନିରୋଜ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

### ଗାଁ ସାଥିଙ୍କ ବିୟୋଗରେ ଶୋକସଭା

**ଲଳିତଗିରି,୧୮।୮(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଶ୍ରୀକୃଷ୍ଣପୁର ପଞ୍ଚାୟତସ୍ଥିତ ଅଡ଼ମମହେଶପୁର ଗ୍ରାମର ଗାଁ ସାଥି ରାକେଶ ପଣ୍ଡାଙ୍କ ବିୟୋଗରେ ବଣୁଆ ମହାପୁରୁଷ ପୀଠ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ଗାଁ ସାଥି ସଂଘ ସଭାପତି ବଟକୃଷ୍ଣ ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶୋକସଭାରେ ଅତିଥିଭାବେ ଅଜୟ ଦାସ, ବଂଶୀଧର ସ୍ୱାଇଁ, ରେଖାରାଣୀ ରାଉତ, କଳ୍ପନା ଧଳ, ଶ୍ରୀନିବାସ ନାୟକ, ରମଣୀରଞ୍ଜନ ସାମଲ, ଦୀପକ ସିହ୍ନା, କୃଷ୍ଣଚନ୍ଦ୍ର ସାହୁ, କଳ୍ପନା ଧଳ ପ୍ରମୁଖ ଯୋଗଦେଇ ପଣ୍ଡାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

### ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ଆଠଗଡ଼,୧୮।୮(ସ୍ୱ.ପ୍ର.):** ଆଠଗଡ଼ ବ୍ଲକ ଖୁଣ୍ଟକଟା ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ ଅବସରରେ ଚଳିତ ମାଟ୍ରିକ ପରୀକ୍ଷାରେ ବ୍ଲକରେ ସର୍ବୋଚ୍ଚ ନମ୍ବର ରଖିଥିବା ଗୋପବନ୍ଧୁ ବାଳିକା ହାଇସ୍କୁଲ ଛାତ୍ରୀ ଅନୁପମା ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଖୁଣ୍ଟକଟାର ସମସ୍ତ ସ୍କୁଲ ଛାତ୍ରୀଛାତ୍ର ପ୍ରଭାତଫେରୀରେ ଗ୍ରାମ ପରିକ୍ରମା କରି ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସରପଞ୍ଚ ପତାକା ଉତ୍ତୋଳନ କରିଥିଲେ। ପରେ ଖୁଣ୍ଟକଟାର ଶିକ୍ଷକ ସୁଧୀର ସାହୁଙ୍କ ଦ୍ୱାରା ପ୍ରଦତ୍ତ ନିଜ ପିତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅନୁପମାଙ୍କୁ ସମ୍ମାନିତ କରିବା ସହ ଏକ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଖୁଣ୍ଟକଟା ହାଇସ୍କୁଲ, ନୋଡାଲ ସ୍କୁଲ, ଗୋପବନ୍ଧୁ ବାଳିକା ହାଇସ୍କୁଲ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀ, ଶିକ୍ଷୟିତ୍ରୀଶିକ୍ଷକ ଏବଂ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଯୋଗାଣ ବିଭାଗର ମନମାନି

# କାର୍ଯ୍ୟାଳୟରୁ ନିରାଶ ହୋଇ ଫେରୁଛନ୍ତି ହିତାଧିକାରୀ

**କଟକ ଅଫିସ, ୧୮।୮**

ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହେବା ଉଦ୍ଦେଶ୍ୟରେ କଟକ ଜିଲାର ଯୋଗ୍ୟ ହିତାଧିକାରୀମାନେ ରାଶନକାର୍ଡ ପାଇବା ପାଇଁ ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳକୁ ଅନେକଥର ଦୌଡୁଛନ୍ତି। ହେଲେ ୱେବ୍‌ସାଇଟ୍ ଖରାପ ଅଛି, କୋଟା ପୂରଣ ହୋଇଯାଇଛି, ନୂଆକାର୍ଡ ଲାଗି ଏ ପର୍ଯ୍ୟନ୍ତ ସରକାର ବ୍ୟବସ୍ଥା କରିନାହାନ୍ତି ଭଳି ଅନେକ କଥା ବିଭାଗୀୟ ଅଧିକାରୀମାନେ ସେମାନଙ୍କୁ କହୁଛନ୍ତି। ଏହା ଶୁଣିବା ପରେ ସେମାନେ ନିରାଶ ହୋଇ ସେଠାରୁ ଫେରିଯାଉଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ସେମାନଙ୍କ ମଧ୍ୟରୁ ଅନେକ ହିତାଧିକାରୀ ରାଶନକାର୍ଡ ପାଇବା ଆଶା ଛାଡ଼ି ଦେଉଥିବାବେଳେ ଆଉ କେତେଜଣ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବିଭାଗୀୟ ଅଧିକାରୀଙ୍କ ଏହି ଅବହେଳାକୁ ଅଦାଲତ ହୃଦୟଙ୍ଗମ କରି ଅର୍ଥ ଦଣ୍ଡାଦେଶ ଦେଉଛନ୍ତି। ତେବେ ଏହି ଅର୍ଥ ସରକାରୀ ରାଜକୋଷରୁ ଭରଣା ହେଉଛି। ଗୋଟିଏ ପଟେ ହିତାଧିକାରୀ ଖାଉଟି ସାମଗ୍ରୀ ନ ପାଇ ଉପାସରେ କାଳାତିପାତ କରୁଥିବାବେଳେ ଅନ୍ୟପଟେ ସରକାର ଅର୍ଥଦଣ୍ଡ ଭୋଗୁଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଏଭଳି ମନମାନି ଏବେ ପଦାରେ ପଡ଼ିଛି।

କୌଣସି ବ୍ୟକ୍ତି ଯେଭଳି ଖାଦ୍ୟ ଲାଗି ମୃତ୍ୟୁମୁଖରେ ନ ପଡ଼େ ସେଥିଲାଗି ସରକାରଙ୍କ ପକ୍ଷରୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଲାଗୁ କରାଯାଇଥିଲା। ତଦନୁଯାୟୀ, ମାସକୁ ଜଣେ ଯୋଗ୍ୟ ହିତାଧିକାରୀଙ୍କ ମୁଣ୍ଡପିଛା ୫ କିଲୋ ଲେଖାଏ ଖାଦ୍ୟ ଯୋଗାଇ ଦେବାକୁ ନିୟମ ହୋଇଥିଲା। ତେବେ ହିତାଧିକାରୀ ଚୟନ ବେଳେ ଅନେକ ଯୋଗ୍ୟ ବ୍ୟକ୍ତି ରାଶନକାର୍ଡ଼ ପାଇବାରୁ ବଞ୍ଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ସେମାନେ ରାଶନକାର୍ଡ଼ ପାଇଁ ଆବେଦନ କରିଥିଲେ

**ଜିଲା ଯୋଗାଣ ବିଭାଗ ଅଧିକାରୀଙ୍କୁ ଅର୍ଥଦଣ୍ଡ**

ମଧ୍ୟ ଏପର୍ଯ୍ୟନ୍ତ ସେମାନଙ୍କୁ ଏଥିରେ ସାମିଲ କରାଯାଇନାହିଁ। କଟକ ଜିଲା ବିଦ୍ୟାଧରପୁର ଅଞ୍ଚଳର ବାସିନ୍ଦା ସସ୍ମିତା ସାହୁ ରାଶନକାର୍ଡ ପାଇଁ କିଛିଦିନ ତଳେ ଜିଲା ଯୋଗାଣ ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ। ବହୁବାର ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକ ସମସ୍ତ କାଗଜପତ୍ର ଦେଇ ଆବେଦନ କରିଥିଲେ ମଧ୍ୟ ତାଙ୍କୁ ରାଶନକାର୍ଡ ଦିଆଯାଇ ନ ଥିଲା। ସେ ବାରମ୍ବାର ଯୋଗାଣ ବିଭାଗ କାର୍ଯ୍ୟାଳୟକୁ ଦୌଡ଼ି ନିରାଶ ହେବା ପରେ ଜିଲା ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଦାଲତ ଉକ୍ତ ମାମଲାକୁ ବିଚାର କରି କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ଏବଂ ସିଭିଲ ସପ୍ଲାଏ ଅଧିକାରୀଙ୍କୁ ଜବାବ ତଲବ କରିଥିଲେ। ସିଏମ୍‌ସି କମିଶନର ଉକ୍ତ ଆବେଦନକାରିଣୀଙ୍କ ଦରଖାସ୍ତ ଉପରେ ତଦନ୍ତ କରି ଯୋଗ୍ୟ ବୋଲି ବିବେଚିତ କରିଥିଲେ ଏବଂ ଯୋଗାଣ ଅଧିକାରୀ ମଧ୍ୟ ଉକ୍ତ ରିପୋର୍ଟକୁ ଗ୍ରହଣ କରିଥିଲେ। ତେବେ ସସ୍ମିତାଙ୍କୁ ରାଶନକାର୍ଡ଼ ମିଳି ନ ଥିଲା। ଏ ନେଇ ଜିଲା ଯୋଗାଣ ଅଧିକାରୀ ଅମର ମହାପାତ୍ର କହିଥିଲେ, ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପୂର୍ବରୁ ରାଜ୍ୟ ସରକାରଙ୍କ ନିକଟରେ ପଡ଼ିରହିଛି। ତେଣୁ ନୂଆ ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ ଦିଆଯାଇପାରିବ ନାହିଁ। ଅନ୍ୟପକ୍ଷରେ ଏ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟକୁ ଜବାବ ତଲବ କରାଯାଇଥିଲା। ଉଭୟ ସରକାର ଯୋଗ୍ୟ ହିତାଧିକାରୀଙ୍କୁ କାର୍ଡ଼ ଦେବାରେ କୌଣସି ସମସ୍ୟା ନାହିଁ ବୋଲି ଜବାବ ଦେଇଥିଲେ। ଫଳରେ ସ୍ଥାୟୀ ଲୋକ ଅଦାଲତ ଅଧକ୍ଷ ପ୍ରେମରାଜ ବହିଦାର, ସଦସ୍ୟ ତପନ କୁମାର ମଣ୍ଡଳ ଏବଂ ପ୍ରଦୀପ କୁମାର ପଟ୍ଟନାୟକ କଟକ ଜିଲା ଯୋଗାଣ ବିଭାଗ ଅଧିକାରୀଙ୍କୁ ୨ ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଅଦାଲତ ଆବେଦନକାରିଣୀଙ୍କୁ ତୁରନ୍ତ ରାଶନକାର୍ଡ଼ ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସୁଭଦ୍ରା ସାହା ଏବଂ ଜାହାନାର ବିବିଙ୍କ ଦୁଇଟି ଅନୁରୂପ ମାମଲାରେ ଜିଲା ଯୋଗାଣ ଅଧିକାରୀଙ୍କୁ ୪ହଜାର ଟଙ୍କା ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି।

ଏ ନେଇ ଜିଲା ଯୋଗାଣ ଅଧିକାରୀ ମହାପାତ୍ର କୁହନ୍ତି, ଜିଲାର ଯୋଗ୍ୟ ହିତାଧିକାରୀଙ୍କ ତାଲିକା ରାଜ୍ୟ ସରକାରଙ୍କୁ ଦିଆଯାଇଛି। ସରକାରଙ୍କ ତରଫରୁ ସ୍ୱୀକୃତି ମିଳିଲେ ହିତାଧିକାରୀଙ୍କୁ ତୁରନ୍ତ ରାଶନକାର୍ଡ଼ ଯେଗାଇ ଦିଆଯିବ। ସେହିପରି ଉପରୋକ୍ତ ମାମଲା ସମ୍ପର୍କରେ ମହାପାତ୍ର କହିଛନ୍ତି, ଅଦାଲତଙ୍କ ଉକ୍ତ ଆଦେଶ ସରକାରଙ୍କ ନିକଟକୁ ପଠାଇ ଦିଆଯାଇଛି। ନିର୍ଦ୍ଦେଶ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

### ଟ୍ରକ୍ ପଛରେ ପିଟିହୋଇ ବାଇକ୍ ଆରୋହୀ ମୃତ

**ଟାଙ୍ଗୀ(କଟକ), ୧୮।୮(ଡି.ଏନ.ଏ.)**

୧୬ନଂ. ଜାତୀୟ ରାଜପଥର ଟାଙ୍ଗୀ ଥାନା ଅନ୍ତର୍ଗତ ସର୍ଦ୍ଧଳା ଛକ ନିକଟରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ପଛରେ ପିଟିହୋଇ ରବିବାର ଅପରାହ୍ଣରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲେଶ୍ୱର ଅଞ୍ଚଳର ଗୋଲକ ଓଝା(୪୫)। ମିଳିଥିବା ସୂଚନା ଅନୁଯାୟୀ, ଗୋଲକ ଏକ ବାଇକ୍(ନଂ.ଓଆର୨୨ଇ-୮୩୦୮)ରେ କୌଣସି କାମରେ ଚୌଦ୍ୱାର ଆସୁଥିଲେ। ବାଇକ୍ ପଛରେ ହେଲ୍‌ମେଟ ବନ୍ଧା ହୋଇଥିବାବେଳେ ସେ ମୋବାଇଲ ଫୋନ୍‌ରେ ଗପି ବାଇକ୍ ଚଳାଉଥିଲେ। ସର୍ଦ୍ଧଳା ଛକ ନିକଟରେ ଅନ୍ୟମନସ୍କ ଯୋଗୁ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ପଛରେ ପିଟିହୋଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଚିକିତ୍ସା ଲାଗି କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଟାଙ୍ଗୀ ପୋଲିସ ସୂତ୍ରରୁ ଜଣାପଡିଛି। ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ଟ୍ରକ୍‌କୁ ପୋଲିସ ଜବତ କରି ତଦନ୍ତ ଚଳାଇଛି।

## ଆଠଗଡ଼ ବୁଦ୍ଧିଜୀବୀ ସଂଘର ଅଗଷ୍ଟ ମିଳନ ଉତ୍ସବ



ଅଗଷ୍ଟ ମିଳନ ଉତ୍ସବରେ ସାମିଲ ହୋଇଥିବା ବୁଦ୍ଧିଜୀବୀ ସଂଘର କର୍ମକର୍ତ୍ତା।

**ଆଠଗଡ଼,୧୮।୮(ସ୍ୱ.ପ୍ର.)**

ଆଠଗଡ଼ ବୁଦ୍ଧିଜୀବୀ ସଂଘର ଅଗଷ୍ଟ ମିଳନ ଉତ୍ସବ ରବିବାର ସଂଘ ନବନିର୍ମିତ ଗୃହରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଇଂ. ଶିବ ପ୍ରସାଦ ପଣ୍ଡା ପୌରୋହିତ୍ୟ କରି ଉତ୍ସବର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିବା ସହ ସଂଘର ଭବିଷ୍ୟତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ପାଦକ ମୁରଲୀଧର ବେହେରା ବାର୍ଷିକ ବିବରଣୀ ସହ ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ଆଠଗଡ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପର୍ଯ୍ୟଟନର ବିକାଶ, ଆଇନଶୃଙ୍ଖଳା ପରିସ୍ଥିତି, କୃଷି, ଜଳସେଚନ ଏବଂ ଅନ୍ୟ କ୍ଷେତ୍ରରେ କିପରି ବିକାଶ କରିପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ସଂଘ ସଭ୍ୟା ଡ. ସଂଯୁକ୍ତା ତ୍ରିପାଠୀ ପାର୍ଶ୍ୱ ପ୍ରତିକ୍ରିୟା ବିହୀନ ଆୟୁର୍ବେଦିକ ଔଷଧର ବ୍ୟବହାର, ଉପକାରିତା ଏବଂ ସଫଳତା ସମ୍ପର୍କରେ ମତ ଦେଇଥିଲେ। ସେଠାରେ ଉପସ୍ଥିତ ଅମୂଲ୍ୟ ହରବାଲ ନାମକ ଆୟୁର୍ବେଦିକ ଔଷଧ କମ୍ପାନୀର ବରିଷ୍ଠ ଅଧିକାରୀ ଚତୁର୍ଭୁଜ ସାହୁ ଓ ସ୍ଥାନୀୟ ପ୍ରତିନିଧି ରମାକାନ୍ତ ବେହେରା ବିଭିନ୍ନ ରୋଗପାଇଁ ଉପଲବ୍ଧ ଆୟୁର୍ବେଦିକ ଔଷଧର ଉପକାରିତା ସମ୍ପର୍କରେ ବୁଝାଇଥିଲେ। ସଂଘ ସଭ୍ୟ ଇଂ. ଅଜିତ୍ ବୋଷ, ମେଜର ଦୀନବନ୍ଧୁ ପରିଡା, ମଥୁରୀ ସେଠୀ, ଶ୍ୟାମସୁନ୍ଦର ନନ୍ଦଙ୍କ ସମେତ ଅନ୍ୟ ସଦସ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମସ୍ୟା ସମାଧାନ ପାଇଁ ପ୍ରଶାସନିକ ଅଧିକାରୀ ଏବଂ ସ୍ଥାନୀୟ ଜନପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିବା ଲାଗି ମତପ୍ରକାଶ ପାଇଥିଲା। ସଂଘ ଗୃହ ନିର୍ମାଣରେ ସହାୟତା କରିଥିବା ସଦସ୍ୟଙ୍କୁ ସହ ସମ୍ପାଦକ ସୁକାନ୍ତ ସୁନ୍ଦର ପଣ୍ଡା କୃତଜ୍ଞତା ଜଣାଇଥିଲେ। ଉପସଭାପତି ଉଦୟନାଥ ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଦେଇଥିଲେ।

### କଳା ବିକାଶ କେନ୍ଦ୍ରର କାର୍ଯ୍ୟକାରୀ କମିଟି ନିର୍ବାଚନ

**କଟକ ଅଫିସ, ୧୮।୮**

ଆସନ୍ତା ତିନିବର୍ଷ ପାଇଁ କଳା ବିକାଶ କେନ୍ଦ୍ରର କାର୍ଯ୍ୟକାରୀ କମିଟି ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ଡ. ପ୍ରଭାତ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ସାହୁ, ଉପ ସଭାପତି ଡ. ଗାୟତ୍ରୀ ଦେବୀ ଏବଂ ରାଧାମୋହନ ସାହୁ, ସାଧାରଣ ସମ୍ପାଦକ ଡ. ସୁଦର୍ଶନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଭାବେ ପ୍ରତାପ କୁମାର ଚୌଧୁରୀ, ସୁଦୀପ୍ତା ଦାଶ ଓ ଦେବେନ୍ଦ୍ର କୁମାର ଦାଶ, କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଡ଼ ବିଜୟାନନ୍ଦ ସିଂ, ଗୌର ପଟ୍ଟନାୟକ, ପ୍ରତିମା ମାଲ, ପ୍ରସନ୍ନଜିତ ମହାନ୍ତି, ଅକ୍ଷୟ କୁମାର ଦାଶ, ବିଜୟ କୁମାର ମହାନ୍ତି, ଭକ୍ତ ବଲ୍ଲଭ ଦାଶ, ଡ. ସ୍ନେହଲତା ମିଶ୍ର, ଉତ୍ତରା ଲେଙ୍କା, ସୁବ୍ରତ ମୁଖାର୍ଜୀ, ଡ. ଆରତୀ ମହାନ୍ତି, ବିକାଶ ଚନ୍ଦ୍ର ଦାଶ, ଏ. ମହେଶ୍ୱର ରାଓ, ଧୈର୍ଯ୍ୟକାନ୍ତ ସେଠ, କାମାକ୍ଷା ପ୍ରସାଦ ମହତାବ ନିର୍ବାଚିତ ହୋଇଛନ୍ତି। ଇଂ. ପ୍ରଭାତ କୁମାର ନନ୍ଦ ଓ କଳାବିକାଶ କେନ୍ଦ୍ରର ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ରନାଥ ମହାନ୍ତି ନିର୍ବାଚନ ପରିଚାଳନା କରିଥିଲେ।

## କଂଗ୍ରେସ କର୍ମୀଙ୍କ ବିଜେଡିରେ ଯୋଗଦାନ

**ବାଙ୍କୀ,୧୮।୮(ବି.ପ୍ର.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟରେ ଆଶାପ୍ରକଟ କରି ବାଙ୍କୀ ଏନଏସି ଅନ୍ତର୍ଗତ ୪ନଂ ୱାର୍ଡର ବହୁ କଂଗ୍ରେସ କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି। ରବିବାର ଅପରାହ୍ଣରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଶିଶୁଆ ଗ୍ରାମ ମୁରବୀ ମେଘନାଦ ରାଉତ, ପୂର୍ବତନ କାଉନସିଲର ସୂର୍ଯ୍ୟମଣି ରାଉତ, ପବିତ୍ର ମୋହନ ମହାପାତ୍ର, ବିପିନି ବିହାରୀ ବେହେରାଙ୍କ ନେତୃତ୍ୱରେ କର୍ମୀମାନେ ଯୋଗ ଦେଇଥିଲେ। ପୂର୍ବତନ ବିଧାୟକ ତଥା ଦଳୀୟ ନେତା ପ୍ରଭାତ କୁମାର ତ୍ରିପାଠୀ ସେମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ବିଜେଡି ନଗର ସଭାପତି ହରେକୃଷ୍ଣ ଦାସ, ଜିଲା ସାଧାରଣ ସମ୍ପାଦକ ସନାତନ ବେହେରା, ପୂର୍ବତନ କାଉନସିଲର ସୌମେନ୍ଦ୍ର ମିଶ୍ର, ବରିଷ୍ଠ ନେତା ସୁବାସ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ଅଜୟ ରାଉତ, ବାଙ୍କନିଧୀ ରାଉତ, ସୁଧାକର ବେହେରା, ଅପର୍ତ୍ତି ବେହେରା, ରମେଶ ତ୍ରିପାଠୀ, ଭଗବାନ ବିଶ୍ୱାଳ, ଶେଷଦେବ ରାଉତ, ନରେନ୍ଦ୍ର କୁମାର ମହାପାତ୍ର, ବିରଞ୍ଚି ବେହେରା, ବିଚିତ୍ରା ବେହେରା ପ୍ରମୁଖ ଶତାଧିକ କର୍ମୀ ଦଳ ଛାଡ଼ି ବିଜେଡିରେ ଯୋଗ ଦେଇଛନ୍ତି। ୪ ନମ୍ବର ୱାର୍ଡର ବିଜେଡି କର୍ମୀ ଦିଲୀପ ରାଉତ, ଆକୁଳ ବାରିକ, ଜଳଧର ବେହେରା, ସୁନୀଲ ଖଟୁଆ, ଗଗନ ରାଉତ, ନାରାୟଣ ଦାସ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଜିଲା ସମ୍ପାଦକ ସନାତନ ବେହେରା ଧନ୍ୟବାଦ ଦେଇଥିଲେ।

## ବାଙ୍କୀରେ ୩ୟ, ୫ମ ଶ୍ରେଣୀ ବୃତ୍ତି ପରୀକ୍ଷା



ବୃତ୍ତି ପରୀକ୍ଷା ଦେଉଥିବା ଛାତ୍ରୀଛାତ୍ର।

**ବାଙ୍କୀ, ୧୮।୮(ସ୍ୱ.ପ୍ର.)**

ବାଙ୍କୀ ଉପଖଣ୍ଡ ଅନ୍ତର୍ଗତ ଡମପଡ଼ା ବ୍ଲକରେ ୩ୟ ଓ ୫ମ ଶ୍ରେଣୀ ବୃତ୍ତି ପରୀକ୍ଷା ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଛି। ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ଗଦାଧର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ପରୀକ୍ଷାରେ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠରେ ୧୧୦ଜଣ ୫ମ ଶ୍ରେଣୀ ଓ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୧୧ଜଣ ୩ୟ ଶ୍ରେଣୀ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠରେ ଗୋବିନ୍ଦଚନ୍ଦ୍ର ତ୍ରିପାଠୀ କେନ୍ଦ୍ର ପରିଚାଳକ ଓ କାହ୍ନୁଚରଣ ସାହୁ ସହପରିଚାଳକ ଥିବା ବେଳେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସର୍ମିଳା ସାହୁ କେନ୍ଦ୍ର ପରିଚାଳିକା ଓ ଶ୍ରୀମତୀ ସିଂ ସହପରିଚାଳିକା ଦାୟିତ୍ୱ ତୁଲାଇଥିଲେ। ଶିକ୍ଷାମଣ୍ଡଳ କାର୍ଯ୍ୟାଳୟର ସଞ୍ଜୟ ପ୍ରଧାନ, ମନୋଜ ଦାସ, ନିରଞ୍ଜନ ମହାଭୋଇ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ।

## ୫ଦିନ ପରେ ମାଆ କୋଳକୁ ଫେରିଲା ପୁଅ

**ଖୁଣ୍ଟୁଣୀ,୧୮।୮(ଡି.ଏନ୍.ଏ.)**

ଗତ ୧୩ତାରିଖରେ ଖୁଣ୍ଟୁଣୀ ତଳସାହିରୁ ନିଖୋଜ ହୋଇଯାଇଥିବା ୧୩ବର୍ଷର ୮ମ ଶ୍ରେଣୀ ଛାତ୍ର ଦିନେଶ ପ୍ରଧାନ ରବିବାର ତାଙ୍କ ମାଆ କୋଳକୁ ଫେରିଆସିଛି। ଏଥିପାଇଁ ସମଗ୍ର ଖୁଣ୍ଟୁଣୀ ଅଞ୍ଚଳ ଆନନ୍ଦମୟ ହୋଇ ଉଠିଛି। ସୂଚନାଯୋଗ୍ୟ, ଦିନେଶ ଓରଫ ଟିକନ ଗତ ମଙ୍ଗଳବାର ସ୍କୁଲ ଯିବାକୁ ନେଇ ତା'ର ମାଆ ତାଗିଦ କରିବା ପରେ ସକାଳ ସାଢ଼େ ୮ଟାରୁ କେଉଁଆଡ଼େ ଚାଲିଯାଇଥିଲେ। ପରେ ପରିବାରଲୋକେ ବହୁ ଖୋଜାଖୋଜି କରି ନିରାଶ ହେବା ପରେ ତାଙ୍କ ବାପା ବିକ୍ରମ ପ୍ରଧାନ ଖୁଣ୍ଟୁଣୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମିସିଙ୍ଗ କେସ ନଂ ୮୪/୧୯ରେ କରି ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏ ନେଇ ପୋଲିସ ଅଧିକାରୀ ସୁଚିତ୍ର ବିର୍ଯ୍ୟ ଦାସ ଓ ମହିଳା ଶିଶୁ ସୁରକ୍ଷା ଡେସ୍କ ଏସଆଇ ଶକୁନ୍ତଳା ଦାସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଅନ୍ୟପକ୍ଷେ ଦିନେଶକୁ କେହି ବଳୀ ଦେବା ପାଇଁ ନେଇଯାଇ ଥାଇପାରେ ବୋଲି ଗୁଜବକୁ ଶୁଣି ପରିବାର ଲୋକ ଓ ସ୍ଥାନୀୟ ଲୋକେ ଭୟଭୀତ ହୋଇଯାଇଥିଲେ। ଏନେଇ ଦିନେଶର ମା ଗ୍ରାମ ଦେବୀ ମା' କନକଦୁର୍ଗାଙ୍କଠାରେ ଅଧିଆ ପଡିଥିଲେ। ତେବେ ରବିବାର ଅଚାନକ ଦିନେଶର ଭାଇ ଜଗାଙ୍କ ସମ୍ପର୍କୀୟଙ୍କ ପାଖକୁ ଏକ ଫୋନ ଆସିଥିଲା ଯେ, ଦିନେଶ ଚୌଦ୍ୱାରର କଜଳକଣା ନିକଟରେ ଥିବା ଏକ ଢାବାରେ ବସିଛି। ଖବର ଶୁଣି ସଙ୍ଗେ ସଙ୍ଗେ ଜଗା ଓ ତା'ର ପରିବାର ଲୋକେ ସେଠି ପହଞ୍ଚି ଢାବା ମାଲିକଙ୍କଠାରୁ ଦିନେଶଙ୍କୁ ଉଦ୍ଧାର କରିବା ସହ ଥାନାକୁ ଜଣାଇଥିଲେ। ତେବେ ଦିନେଶକୁ ପଚାରିବାରୁ, ତାକୁ ଖୁଣ୍ଟୁଣୀ ବଜାରରୁ ଜଣେ ପିକଅପ୍ ଭ୍ୟାନ ଚାଳକ ନେଇଯାଇ ଚୌଦ୍ୱାରର ଉକ୍ତ ଢାବାରେ ଛାଡି ପଳାଇଥିଲେ। ଯିବାବେଳେ ତା'ର ବାପା ମା କେହି ନାହାନ୍ତି ବୋଲି ଦିନେଶ ସମସ୍ତଙ୍କୁ କହିବାକୁ କହି ପଳାଇଥିଲେ।



ଦିନେଶ ପ୍ରଧାନ।

## ନରସିଂହପୁର ପ୍ରେସ୍ କ୍ଲବର ବାର୍ଷିକ ଅଧିବେଶନ

**ନରସିଂହପୁର,୧୮।୮(ସ୍ୱ.ପ୍ର.)**

ନରସିଂହପୁର ପ୍ରେସ୍ କ୍ଲବର ବାର୍ଷିକ ଅଧିବେଶନ ରବିବାର କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ସଞ୍ଜୀବ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ଲବର ଆୟବ୍ୟୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହାପରେ ଖବରଦାତା ରଣଜିତ ଗୁରୁଙ୍କ ବିୟୋଗରେ ଶୋକପ୍ରକାଶ କରାଯିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମେନ୍ତ ନୀରବ ପ୍ରାର୍ଥନା କରାଯାଇଥିଲା। କ୍ଲବ ସମ୍ପାଦକ ସପ୍ନେଶ୍ୱର ମହାଳିକ, ଉପଦେଷ୍ଟା ବିଦ୍ୟାଧର ପଣ୍ଡା, ରବିନାରାଣ ପଣ୍ଡା, ପ୍ରଭାକର ମିଶ୍ର, ସଙ୍ଗଠକ ଏନ. ଦେବକୁମାର, ସଭ୍ୟ ତଥାଗତ ବିଶ୍ୱାଳ, ସନ୍ତୋଷ କୁମାର ବାରିକ, ରମେଶଚନ୍ଦ୍ର ସେଠୀ, ପ୍ରଭାତ କୁମାର ମହାପାତ୍ର, କାହ୍ନୁଚରଣ ବେହେରା, ମୋହନ ପ୍ରଧାନ, ବିଜୟ କୁମାର ସୁବୁଦ୍ଧି, ରାଜକିଶୋର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଅଧିବେଶନ ଅବସରରେ ଏକାଠି ହୋଇଥିବା ନରସିଂହପୁର ପ୍ରେସ୍ କ୍ଲବର କର୍ମକର୍ତ୍ତା।

## ସୁବୁଦ୍ଧେଶ୍ୱର ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

**ବାଙ୍କୀ, ୧୮।୮(ସ୍ୱ.ପ୍ର.)**

ବାଙ୍କୀ ନିର୍ବାଚନମଣ୍ଡଳୀ ଅଧୀନ ଗୋଡ଼ିସାହି ନିକଟ ସାଇ ମନ୍ଦିର ପରିସରରେ ଶ୍ରୀଶ୍ରୀ ସୁବୁଦ୍ଧେଶ୍ୱର ସାହିତ୍ୟ ସଂସଦର ୩ୟ ବାର୍ଷିକ ଉତ୍ସବ ଏବଂ ସମ୍ବର୍ଦ୍ଧନା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ସାହିତ୍ୟ ଆଲୋଚନାଚକ୍ର ବ୍ରହ୍ମାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ ଉତ୍କଳ ସାହିତ୍ୟ ସମାଜ ସଭାପତି ତରୁଣ କୁମାର ସାହୁ, ମୁଖ୍ୟବକ୍ତା ବିଦ୍ୟୁତ୍ ଲତା ପ୍ରଧାନ, ସମ୍ମାନିତ ଅତିଥି ପୁଷ୍ପକାନ୍ତି ମହାନ୍ତି, ନକୁଳ ଚନ୍ଦ୍ର ସାହୁ, ସୁକୁମାର ବିଶ୍ୱାଳ, ବାଙ୍କୀ କଲେଜ ପ୍ରଧାପକ ମନୋଜ ମହାପାତ୍ର, ପ୍ରଭାକର ସାହୁ, ଖବରଦାତା ପ୍ରଶାନ୍ତ ସାହୁ, ମନୋଜ ରାଉତ, ଅକ୍ଷୟ ସାମଲ, ବାଙ୍କୀ ପ୍ରେସ୍‌କ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଓଡ଼ିଶାର ବିଭିନ୍ନ ଜିଲାର ଅନେକ କବୟିତ୍ରୀକବି ଯୋଗଦାନ କରି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ସାହିତ୍ୟ ସଂସଦ ସମ୍ପାଦକ ଗୌରାଙ୍ଗ ଚରଣ ରାଉତ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କବିତା ଆବୃତ୍ତି ଓ ସମ୍ବର୍ଦ୍ଧନା ଉତ୍ସବକୁ ଡ. ବସନ୍ତ କୁମାର ନନ୍ଦ ପରିଚାଳନା କରିଥିଲେ। କବି ଅକ୍ଷୟ ସାମଲ, ପ୍ରଫେସର ତରୁଣ ସାହୁ, ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ରମାକାନ୍ତ ସାହୁ, ପ୍ରଧାପକ ମନୋଜ କୁମାର ମହାପାତ୍ର, ବ୍ୟଙ୍ଗ କବି ଲକ୍ଷ୍ମୀଛଡ଼ା, ନକୁଳ ଚନ୍ଦ୍ର ସାହୁଙ୍କ ସମେତ ବହୁ କବୟିତ୍ରୀକବିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅକ୍ଷୟ ସାମଲ ଧନ୍ୟବାଦ ଦେଇଥିଲେ।



ସୁବୁଦ୍ଧେଶ୍ୱର ସାହିତ୍ୟ ସଂସଦ ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି।

### ରାଧାଗୋବିନ୍ଦ ଜୀଉଙ୍କ ଝୁଲଣ ଯାତ୍ରା ଉଦ୍‌ଯାପିତ

**ଆଠଗଡ଼,୧୮।୮(ସ୍ୱ.ପ୍ର.)**

ଆଠଗଡ଼ ଶ୍ରୀରାଧାଗୋବିନ୍ଦ ମନ୍ଦିରରେ ୬ଦିନ ଧରି ଚାଲିଥିବା ଝୁଲଣ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ମନ୍ଦିର ଝୁଲଣ ମଣ୍ଡପରେ ବିରାଜମାନ ହୋଇଥିବା ଶ୍ରୀବଳରାମ, ଶ୍ରୀକୃଷ୍ଣ ଏବଂ ଶ୍ରୀରାଧାଙ୍କ ଦୋଳାୟମାନ ଦୃଶ୍ୟ ଦେଖିବା ପାଇଁ ପ୍ରତ୍ୟହ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ବହୁ ସମାଗମ ହୋଇଥିଲା। ସ୍ଥାନୀୟ କଳାକାରଙ୍କ ଦ୍ୱାରା ଭଜନକୀର୍ତ୍ତନ ପରିବେଷଣ କରାଯାଇଥିଲା। ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଉପଜିଲାପାଳ ଅମୀୟ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦେବୋତ୍ତର ଉପଦେଷ୍ଟା କମିଟି ସଦସ୍ୟ ଅଜୟ ଦାସ, ଦେବୋତ୍ତର ସୁପରଭାଇଜର କରୁଣାକର ବେହେରା ଓ ଅନ୍ୟସେବାୟତ ସହଯୋଗ କରିଥିଲେ।



"ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଉଥାଏ, ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲ୍‌ଟନ୍



## ସଂକ୍ଷେପରେ

### ଭୁତାଣୁ ଜନିତ ରୋଗରେ ଶତାଧିକ ଗୋରୁ ଆକ୍ରାନ୍ତ

ଚୌଦ୍ୱାର, ୧୮।୮(ଡି.ଏନ୍.ଏ.): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଞ୍ଚଳ ସମେତ ଚୌଦ୍ୱାର ପୌରପାଳିକାରେ ଗତ ୧ ମାସ ମଧ୍ୟରେ ଭୁତାଣୁ ଜନିତ ରୋଗରେ ଶତାଧିକ ଗୋରୁ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ଆକ୍ରାନ୍ତ ଗୋରୁମାନଙ୍କୁ ଡାକ୍ତର ଦେଖାଇ ନିୟମିତ ଔଷଧ ଦିଆଯାଉଥିଲେ ମଧ ରୋଗ କମିବାର ନାଁ ଧରୁନି। ପ୍ରଥମେ ଗୋରୁମାନଙ୍କ ଶରୀରର କିଛି ସ୍ଥାନରେ କ୍ଷତ ସୃଷ୍ଟି ହେଉଛି। ପରେ ସେହି ସ୍ଥାନରୁ ମାଂସ ଖସିପଡିବା ଫଳରେ ଗର୍ତ୍ତ ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି। ଏହି ରୋଗରେ ଗୋରୁମାନଙ୍କ ଖାଦ୍ୟ ଖାଇବା କମିଯିବାରୁ ଦିନକୁ ଦିନ ଦୁର୍ବଳ ହୋଇଯାଉଛନ୍ତି। ଗୋରୁ ମାଲିକମାନେ ପ୍ରଥମେ ଦେଶୀ ଚିକିତ୍ସା କରୁଛନ୍ତି। ପରେ ରୋଗ ଭଲ ନ ହେବାରୁ ସ୍ଥାନୀୟ ପ୍ରାଣୀ ଚିକିତ୍ସକଙ୍କଠାରୁ ପରାମର୍ଶ ନେଇ ଚିକିତ୍ସା କରାଉଛନ୍ତି। ଏହାସତ୍ତ୍ୱେ କୌଣସି ସୁଫଳ ମିଳୁନି ବୋଲି ଗୋପାଳନ କରୁଥିବା ମନ୍ଦରଧର ଦାସ, ଭବାନୀ ସାହୁ, ଅନାମ ସାହୁ, ପହଲି ସାହୁ, ଲକ୍ଷ୍ମୀଧର ଦାସ, ଜୋତ୍ସ୍ନାରାଣୀ ଦାସ ଓ ଉର୍ବସୀ ମହାନ୍ତି ପ୍ରମୁଖ କହିଛନ୍ତି। ଏହା ଭୁତାଣୁ ଜନିତ ରୋଗ ହୋଇଥିବାରୁ ତାହା ଧିରେଧିରେ ବ୍ୟାପିବାରେ ଲାଗିଛି। ବିଶେଷକରି ନଖରା, ଆଗ୍ରାହାଟ, ଶାଳଗାଁ ଓ ହରିଅନ୍ତା ପଞ୍ଚାୟତ ସମେତ ପୌରପାଳିକା କେତେକ ଅଞ୍ଚଳରେ ଏହି ରୋଗ ବ୍ୟାପିଛି। ଔଷଧ ବ୍ୟବହାର ପରେ ବି ଏହି ରୋଗ ନ କମିବାରୁ ଲୋକମାନଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏ ନେଇ ଟାଙ୍ଗୀ-ଚୌଦ୍ୱାର ବ୍ଲକର ପ୍ରାଣୀ ଚିକିତ୍ସକ ଅନ୍ତର୍ଯାମୀ ଖୁଣ୍ଟିଆ କୁହନ୍ତି, ଏହା ଏକ ଭୁତାଣୁ ଜନିତ ରୋଗ। ଏହାର ନିରାକରଣ ପାଇଁ ଏପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ ଔଷଧ ବାହାରି ନାହିଁ। ଗୋରୁମାନଙ୍କ ରକ୍ତ ନମୁନାକୁ ଓୟୁଏଟିର ଏକ ଟିମ୍ ଆସି ପରୀକ୍ଷା କରିବା ପାଇଁ ଭୁବନେଶ୍ୱର ନେଇଥିବା ଜଣାପଡିଛି। ତୁରନ୍ତ ପ୍ରଶାସନ ଏହା ଉପରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ଜୀବନ ସାରଣୀ ପୁସ୍ତକ ଉନ୍ମୋଚିତ

କଟକ ଅଫିସ, ୧୮।୮: ମହାନଦୀ ବିହାରସ୍ଥିତ ମହାନଦୀ ଭବନଠାରେ ପୂଜ୍ୟପୂଜ୍ୟା ପକ୍ଷରୁ ଏକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠକ ରମାକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ମହାପାତ୍ର ଯୋଗଦେଇ କହିଥିଲେ, ବୋଉ ହେଉଛି ପରିବାରର ମେରୁଦଣ୍ଡ। ପିଲାମାନଙ୍କର ଖାଦ୍ୟଠାରୁ ଆରମ୍ଭ କରି ଶିକ୍ଷା ପର୍ଯ୍ୟନ୍ତ ସବୁଥିରେ ବୋଉର ପ୍ରମୁଖ ଭୂମିକା ରହିଥାଏ। ମୁଖ୍ୟବକ୍ତା ପ୍ରଫେସର ବ୍ରଜମୋହନ ମିଶ୍ର କହିଥିଲେ, ପ୍ରତ୍ୟେକ ସଫଳ ବ୍ୟକ୍ତି ପଛରେ ଜଣେ ନାରୀର ଭୂମିକା ରହିଥାଏ। ତେବେ ସେହି ନାରୀ ମଧ୍ୟରୁ ବୋଉର ଅବଦାନ ସବୁଠାରୁ ଅଧିକ ଥାଏ। ଏଥିରେ ସମ୍ମାନିତ ବକ୍ତା ଭାବେ ଡ. ଗୋବିନ୍ଦ ଭୂୟାଁ, ନୀଳକଣ୍ଠ ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ପ୍ରଭାତ କୁମାର ନନ୍ଦ ଯୋଗଦେଇଥିଲେ। ଏହି ଅବସରରେ ଶାନ୍ତିଲତା କରଙ୍କ ରଚିତ ପୁସ୍ତକ 'ଜୀବନ ସାରଣୀ' ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବର୍ଣ୍ଣାଳୀ କର, ବିଷ୍ଣୁ ପ୍ରସାଦ କର, ଦାମୋଦର ସେନାପତିଙ୍କ ସମେତ ଅନୁଷ୍ଠାନର ବହୁ ସଦସ୍ୟ ଉପସ୍ଥିତ ଥିଲେ। ବିରଜା ପ୍ରସାଦ ଶତପଥୀ ଧନ୍ୟବାଦ ଦେଇଥିଲେ।

## ଯୋଗାଣ ବିଭାଗର ମନମାନି

# କାର୍ଯ୍ୟାଳୟରୁ ନିରାଶ ହୋଇ ଫେରୁଛନ୍ତି ହିତାଧିକାରୀ

କଟକ ଅଫିସ, ୧୮।୮

ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହେବା ଉଦ୍ଦେଶ୍ୟରେ କଟକ ଜିଲାର ଯୋଗ୍ୟ ହିତାଧିକାରୀମାନେ ରାଶନକାର୍ଡ ପାଇବା ପାଇଁ ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳକୁ ଅନେକଥର ଦୌଡୁଛନ୍ତି। ହେଲେ ୱେବ୍‌ସାଇଟ୍ ଖରାପ ଅଛି, କୋଟା ପୂରଣ ହୋଇଯାଇଛି, ନୂଆକାର୍ଡ ଲାଗି ଏ ପର୍ଯ୍ୟନ୍ତ ସରକାର ବ୍ୟବସ୍ଥା କରିନାହାନ୍ତି ଭଳି ଅନେକ କଥା ବିଭାଗୀୟ ଅଧିକାରୀମାନେ ସେମାନଙ୍କୁ କହୁଛନ୍ତି। ଏହା ଶୁଣିବା ପରେ ସେମାନେ ନିରାଶ ହୋଇ ସେଠାରୁ ଫେରିଯାଉଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ସେମାନଙ୍କ ମଧ୍ୟରୁ ଅନେକ ହିତାଧିକାରୀ ରାଶନକାର୍ଡ ପାଇବା ଆଶା ଛାଡ଼ି ଦେଉଥିବାବେଳେ ଆଉ କେତେଜଣ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବିଭାଗୀୟ ଅଧିକାରୀଙ୍କ ଏହି ଅବହେଳାକୁ ଅଦାଲତ ହୃଦୟଙ୍ଗମ କରି ଅର୍ଥ ଦଣ୍ଡାଦେଶ ଦେଉଛନ୍ତି। ତେବେ ଏହି ଅର୍ଥ ସରକାରୀ ରାଜକୋଷରୁ ଭରଣା ହେଉଛି। ଗୋଟିଏ ପଟେ ହିତାଧିକାରୀ ଖାଉଟି ସାମଗ୍ରୀ ନ ପାଇ ଉପାସରେ କାଳାତିପାତ କରୁଥିବାବେଳେ ଅନ୍ୟପଟେ ସରକାର ଅର୍ଥଦଣ୍ଡ ଭୋଗୁଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଏଭଳି ମନମାନି ଏବେ ପଦାରେ ପଡ଼ିଛି।

କୌଣସି ବ୍ୟକ୍ତି ଯେଭଳି ଖାଦ୍ୟ ଲାଗି ମୃତ୍ୟୁମୁଖରେ ନ ପଡ଼େ ସେଥିଲାଗି ସରକାରଙ୍କ ପକ୍ଷରୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଲାଗୁ କରାଯାଇଥିଲା। ତଦନୁଯାୟୀ, ମାସକୁ ଜଣେ ଯୋଗ୍ୟ ହିତାଧିକାରୀଙ୍କ ମୁଣ୍ଡପିଛା ୫ କିଲୋ ଲେଖାଏ ଖାଦ୍ୟ ଯୋଗାଇ ଦେବାକୁ ନିୟମ ହୋଇଥିଲା। ତେବେ ହିତାଧିକାରୀ ଚୟନ ବେଳେ ଅନେକ ଯୋଗ୍ୟ ବ୍ୟକ୍ତି ରାଶନକାର୍ଡ଼ ପାଇବାରୁ ବଞ୍ଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ସେମାନେ ରାଶନକାର୍ଡ଼ ପାଇଁ ଆବେଦନ କରିଥିଲେ

**ଜିଲା ଯୋଗାଣ ବିଭାଗ ଅଧିକାରୀଙ୍କୁ ଅର୍ଥଦଣ୍ଡ**

ମଧ ଏପର୍ଯ୍ୟନ୍ତ ସେମାନଙ୍କୁ ଏଥିରେ ସାମିଲ କରାଯାଇନାହିଁ। କଟକ ଜିଲା ବିଦ୍ୟାଧରପୁର ଅଞ୍ଚଳର ବାସିନ୍ଦା ସସ୍ମିତା ସାହୁ ରାଶନକାର୍ଡ ପାଇଁ କିଛିଦିନ ତଳେ ଜିଲା ଯୋଗାଣ ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ। ବହୁବାର ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକ ସମସ୍ତ କାଗଜପତ୍ର ଦେଇ ଆବେଦନ କରିଥିଲେ ମଧ ତାଙ୍କୁ ରାଶନକାର୍ଡ ଦିଆଯାଇ ନ ଥିଲା। ସେ ବାରମ୍ବାର ଯୋଗାଣ ବିଭାଗ କାର୍ଯ୍ୟାଳୟକୁ ଦୌଡ଼ି ନିରାଶ ହେବା ପରେ ଜିଲା ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଦାଲତ ଉକ୍ତ ମାମଲାକୁ ବିଚାର କରି କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ଏବଂ ସିଭିଲ ସପ୍ଲାଏ ଅଧିକାରୀଙ୍କୁ ଜବାବ ତଲବ କରିଥିଲେ। ସିଏମ୍‌ସି କମିଶନର ଉକ୍ତ ଆବେଦନକାରିଣୀଙ୍କ ଦରଖାସ୍ତ ଉପରେ ତଦନ୍ତ କରି ଯୋଗ୍ୟ ବୋଲି ବିବେଚିତ କରିଥିଲେ ଏବଂ ଯୋଗାଣ ଅଧିକାରୀ ମଧ ଉକ୍ତ ରିପୋର୍ଟକୁ ଗ୍ରହଣ କରିଥିଲେ। ତେବେ ସସ୍ମିତାଙ୍କୁ ରାଶନକାର୍ଡ଼ ମିଳି ନ ଥିଲା। ଏ ନେଇ ଜିଲା ଯୋଗାଣ ଅଧିକାରୀ ଅମର ମହାପାତ୍ର କହିଥିଲେ, ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପୂର୍ବରୁ ରାଜ୍ୟ ସରକାରଙ୍କ ନିକଟରେ ପଡ଼ିରହିଛି। ତେଣୁ ନୂଆ ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ ଦିଆଯାଇପାରିବ ନାହିଁ। ଅନ୍ୟପକ୍ଷରେ ଏ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟକୁ ଜବାବ ତଲବ କରାଯାଇଥିଲା। ଉଭୟ ସରକାର ଯୋଗ୍ୟ ହିତାଧିକାରୀଙ୍କୁ କାର୍ଡ଼ ଦେବାରେ କୌଣସି ସମସ୍ୟା ନାହିଁ ବୋଲି ଜବାବ ଦେଇଥିଲେ। ଫଳରେ ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ପ୍ରେମରାଜ ବହିଦାର, ସଦସ୍ୟ ତପନ କୁମାର ମଣ୍ଡଳ ଏବଂ ପ୍ରଦୀପ କୁମାର ପଟ୍ଟନାୟକ କଟକ ଜିଲା ଯୋଗାଣ ବିଭାଗ ଅଧିକାରୀଙ୍କୁ ୨ ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଅଦାଲତ ଆବେଦନକାରିଣୀଙ୍କୁ ତୁରନ୍ତ ରାଶନକାର୍ଡ଼ ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସୁଭଦା ସାହା ଏବଂ ଜାହାନାର ବିବିଙ୍କ ଦୁଇଟି ଅନୁରୂପ ମାମଲାରେ ଜିଲା ଯୋଗାଣ ଅଧିକାରୀଙ୍କୁ ୪ହଜାର ଟଙ୍କା ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି।

ଏ ନେଇ ଜିଲା ଯୋଗାଣ ଅଧିକାରୀ ମହାପାତ୍ର କୁହନ୍ତି, ଜିଲାର ଯୋଗ୍ୟ ହିତାଧିକାରୀଙ୍କ ତାଲିକା ରାଜ୍ୟ ସରକାରଙ୍କୁ ଦିଆଯାଇଛି। ସରକାରଙ୍କ ତରଫରୁ ସ୍ୱୀକୃତି ମିଳିଲେ ହିତାଧିକାରୀଙ୍କୁ ତୁରନ୍ତ ରାଶନକାର୍ଡ଼ ଯେଗାଇ ଦିଆଯିବ। ସେହିପରି ଉପରୋକ୍ତ ମାମଲା ସମ୍ପର୍କରେ ମହାପାତ୍ର କହିଛନ୍ତି, ଅଦାଲତଙ୍କ ଉକ୍ତ ଆଦେଶ ସରକାରଙ୍କ ନିକଟକୁ ପଠାଇ ଦିଆଯାଇଛି। ନିର୍ଦ୍ଦେଶ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

### ଟ୍ରକ୍ ପଛରେ ପିଟିହୋଇ ବାଇକ୍ ଆରୋହୀ ମୃତ

ଟାଙ୍ଗୀ(କଟକ), ୧୮।୮(ଡି.ଏନ.ଏ.)

୧୬ନଂ. ଜାତୀୟ ରାଜପଥର ଟାଙ୍ଗୀ ଥାନା ଅନ୍ତର୍ଗତ ସର୍ଦ୍ଧଳା ଛକ ନିକଟରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ପଛରେ ପିଟିହୋଇ ରବିବାର ଅପରାହ୍ନରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲେଶ୍ୱର ଅଞ୍ଚଳର ଗୋଲକ ଓଝା(୪୫)। ମିଳିଥିବା ସୂଚନା ଅନୁଯାୟୀ, ଗୋଲକ ଏକ ବାଇକ୍(ନଂ.ଓଆର୨୨ଇ-୮୩୦୮)ରେ କୌଣସି କାମରେ ଚୌଦ୍ୱାର ଆସୁଥିଲେ। ବାଇକ୍ ପଛରେ ହେଲ୍‌ମେଟ ବନ୍ଧା ହୋଇଥିବାବେଳେ ସେ ମୋବାଇଲ ଫୋନ୍‌ରେ ଗପି ବାଇକ୍ ଚଳାଉଥିଲେ। ସର୍ଦ୍ଧଳା ଛକ ନିକଟରେ ଅନ୍ୟମନସ୍କ ଯୋଗୁ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ପଛରେ ପିଟିହୋଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଚିକିତ୍ସା ଲାଗି କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଟାଙ୍ଗୀ ପୋଲିସ ସୂତ୍ରରୁ ଜଣାପଡ଼ିଛି। ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ଟ୍ରକ୍‌କୁ ପୋଲିସ ଜବତ କରି ତଦନ୍ତ ଚଳାଇଛି।



କଟକ ଉପରତେଲେଙ୍ଗା ବଜାର ଅଞ୍ଚଳରେ ରବିବାର ଝିଅମାନେ ଖୁଦୁରୁକୁଣୀ ପୂଜା କରୁଛନ୍ତି।

### ଏସ୍‌ସିବି ମେଡିକାଲରେ ଅନ୍ନଦାନ କାର୍ଯ୍ୟକ୍ରମ

କଟକ ଅଫିସ, ୧୮।୮

ଆହାର ଯୋଜନାରେ ସରକାରଙ୍କ ତରଫରୁ ୫ ଟଙ୍କାରେ ଖାଦ୍ୟ ଯୋଗାଇ ଦିଆଯାଉଛି। ରବିବାର ସମେତ ଛୁଟିଦିନରେ ଆହାର କେନ୍ଦ୍ରଗୁଡ଼ିକ ବନ୍ଦ ରହିଥାଏ। ଫଳରେ ଏହା ଉପରେ ନିର୍ଭର କରୁଥିବା ଗରିବ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଅଧିକ ଟଙ୍କା ଦେଇ ହୋଟେଲରୁ ଖାଇବା ତାଙ୍କ ପାଇଁ କଷ୍ଟକର। ଏହାକୁ ଦୃଷ୍ଟିରେ ରଖି ସାମାଜିକ ଅନୁଷ୍ଠାନ ସ୍ୱପ୍ନା ଫାଉଣ୍ଡେଶନ ପକ୍ଷରୁ ରବିବାର ଏସ୍‌ସିବି ମେଡିକାଲର କ୍ୟାନସର ୱାର୍ଡରେ ଅନ୍ନଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ପ୍ରତି ରବିବାର ୧ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ମାଗଣାରେ ଅନ୍ନଦାନ କରାଯିବ ବୋଲି ଫାଉଣ୍ଡେଶନ ପକ୍ଷରୁ କୁହାଯାଇଛି। ରବିବାର ଅନୁଷ୍ଠାନ ପକ୍ଷରୁ ଦୁଇବେଳା ଅନ୍ନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ସୁଧାଂଶୁ ପାତ୍ର, ଅଶ୍ୱିନୀ ବିଶ୍ୱାଳ, ଅଶ୍ୱିନୀ ମହାରଣା, ଅକ୍ଷୟ କୁମାର ସିଂ, ଶିବ ଶଙ୍କର ମଲ୍ଲିକ, ବିଜୟ ପାତ୍ର ସମେତ ବହୁ ସଦସ୍ୟ ଯୋଗଦେଇଥିଲେ।

### କଟକ ମହାନଗର ପଶ୍ଚିମାଞ୍ଚଳ କମିଟି ସମ୍ମିଳନୀ

କଟକ ଅଫିସ, ୧୮।୮

ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟକ ସଂଘର କଟକ ମହାନଗର ପଶ୍ଚିମାଞ୍ଚଳ କମିଟିର ଏକ ସମ୍ମିଳନୀ ବାଖରାବାଦସ୍ଥିତ ଗାନ୍ଧୀଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ନେତା ରାଜକିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟବକ୍ତା ଭାବେ ଏସ୍‌ୟୁସିଆଇ(ସି)ର କଟକ ଜିଲା ସଦସ୍ୟ କମ୍ରେଡ ବିନୋଦ ସେଠୀ ଓ କୋଷାଧ୍ୟକ୍ଷ ଖଗେଶ୍ୱର ସେଠୀ ଯୋଗଦେଇ କହିଥିଲେ, ପାଚିକା ସହାୟିକାମାନେ ହେଉଛନ୍ତି ସମାଜର ତଳସ୍ତରର ଶ୍ରମିକ। ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ନ ଥିବାରୁ ସ୍ୱଳ୍ପ ଦରମାରେ ବିଭିନ୍ନ ସ୍କୁଲରେ କାମ କରୁଛନ୍ତି। ସହାୟିକାମାନଙ୍କ ଚାକିରିରେ ସ୍ଥାୟୀତ୍ୱ ଆଣିବା ପରିବର୍ତ୍ତେ ସେମାନଙ୍କୁ କାମରୁ ଅନ୍ତର କରିବା ପାଇଁ ମଧ୍ୟାହ୍ନଭୋଜନ ବ୍ୟବସ୍ଥାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଘରୋଇ କମ୍ପାନୀକୁ ହସ୍ତାନ୍ତର କରୁଛନ୍ତି। ଶ୍ରମିକମାନେ ନିଜର ଦାବି ହାସଲ ପାଇଁ ଆନ୍ଦୋଳନ କରିବା ଛଡ଼ା ଅନ୍ୟ କିଛି ଉପାୟ ନାହିଁ ବୋଲି ସେମାନେ କହିଥିଲେ। ଆଗାମୀ ଦିନରେ ଆନ୍ଦୋଳନକୁ ଶକ୍ତିଶାଳୀ କରିବା ପାଇଁ ସଭାପତି ସ୍ୱାଧୀନ ବେହେରା, ସମ୍ପାଦିକା ମଞ୍ଜୁ ବେହେରାଙ୍କୁ ନେଇ ମହାନଗର ପଶ୍ଚିମାଞ୍ଚଳ କମିଟି ଗଠନ କରାଯାଇଥିଲା।

### ମୋବାଇଲ୍ ଦୋକାନରୁ ଚୋରି

କଟକସଦର, ୧୮।୮(ଡି.ଏନ୍.ଏ.)

କନ୍ଦରପୁର ଥାନା ଅନ୍ତର୍ଗତ ପରମହଂସ ମନ୍ଦିର ନିକଟରେ ଥିବା ଏକ ମୋବାଇଲ୍ ଦୋକାନରୁ ଶନିବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ରବିବାର ତଦନ୍ତ ଆରମ୍ଭ କରିଛି। ଚୋରି ସାମଗ୍ରୀ ମଧ୍ୟରେ ନୂଆ ମୋବାଇଲ୍ ସେଟ୍, ବ୍ୟାଟେରୀ, ଇୟରଫୋନ୍ ଓ ମରାମତି ପାଇଁ ଥିବା ପୁରୁଣା ମୋବାଇଲ ସେଟ୍ ରହିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ରାତିରେ ଝିପି ଝିପି ବର୍ଷା ସହ ବିଦ୍ୟୁତ ସରବରାହ ବନ୍ଦ ଥିଲା। ଦୁର୍ବୃତ୍ତମାନେ ଦୋକାନର ପଛପଟ କାନ୍ଥ ଭାଙ୍ଗି ସାମଗ୍ରୀ ଚୋରି କରିଥିଲେ।

### ୫ଦିନ ପରେ ମାଆ କୋଳକୁ ଫେରିଲା ପୁଅ

ଖୁଣ୍ଟୁଣୀ, ୧୮।୮(ଡି.ଏନ୍.ଏ.)

ଗତ ୧୩ତାରିଖରେ ଖୁଣ୍ଟୁଣୀ ତଳସାହିରୁ ନିଖୋଜ ହୋଇଯାଇଥିବା ୧୩ବର୍ଷର ୮ମ ଶ୍ରେଣୀ ଛାତ୍ର ଦିନେଶ ପ୍ରଧାନ ରବିବାର ତାଙ୍କ ମାଆ କୋଳକୁ ଫେରିଆସିଛି। ଏଥିପାଇଁ ସମଗ୍ର ଖୁଣ୍ଟୁଣୀ ଅଞ୍ଚଳ ଆନନ୍ଦମୟ ହୋଇ ଉଠିଛି। ସୂଚନାଯୋଗ୍ୟ, ଦିନେଶ ଓରଫ ଟିକନ ଗତ ମଙ୍ଗଳବାର ସ୍କୁଲ ଯିବାକୁ ନେଇ ତା'ର ମାଆ ତାଗିଦ କରିବା ପରେ ସକାଳ ସାଢ଼େ ୮ଟାରୁ କେଉଁଆଡ଼େ ଚାଲିଯାଇଥିଲେ। ପରେ ପରିବାରଲୋକେ ବହୁ ଖୋଜାଖୋଜି କରି ନିରାଶ ହେବା ପରେ ତାଙ୍କ ବାପା ବିକ୍ରମ ପ୍ରଧାନ ଖୁଣ୍ଟୁଣୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମିସିଙ୍ଗ କେସ ନଂ ୮୪/୧୯ରେ କରି ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏ ନେଇ ପୋଲିସ ଅଧିକାରୀ ସୁଚିତ୍ରି ବିର୍ଯ୍ୟ ଦାସ ଓ ମହିଳା ଶିଶୁ ସୁରକ୍ଷା ଡେସ୍କ ଏସଆଇ ଶକୁନ୍ତଳା ଦାସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଅନ୍ୟପକ୍ଷେ ଦିନେଶକୁ କେହି ବଳୀ ଦେବା ପାଇଁ ନେଇଯାଇ ଥାଇପାରେ ବୋଲି ଗୁଜବକୁ ଶୁଣି ପରିବାର ଲୋକ ଓ ସ୍ଥାନୀୟ ଲୋକେ ଭୟଭୀତ ହୋଇଯାଇଥିଲେ। ଏନେଇ ଦିନେଶର ମା ଗ୍ରାମ ଦେବୀ ମା'



ଦିନେଶ ପ୍ରଧାନ।

କନକଦୁର୍ଗାଙ୍କଠାରେ ଅଧିଆ ପଡିଥିଲେ। ତେବେ ରବିବାର ଅଚାନକ ଦିନେଶର ଭାଇ ଜଗାଙ୍କ ସମ୍ପର୍କୀୟଙ୍କ ପାଖକୁ ଏକ ଫୋନ ଆସିଥିଲା ଯେ, ଦିନେଶ ଚୌଦ୍ୱାରର କଜଳକଣା ନିକଟରେ ଥିବା ଏକ ଢାବାରେ ବସିଛି। ଖବର ଶୁଣି ସଙ୍ଗେ ସଙ୍ଗେ ଜଗା ଓ ତା'ର ପରିବାର ଲୋକେ ସେଠି ପହଞ୍ଚି ଢାବା ମାଲିକଙ୍କଠାରୁ ଦିନେଶଙ୍କୁ ଉଦ୍ଧାର କରିବା ସହ ଥାନାକୁ ଜଣାଇଥିଲେ। ତେବେ ଦିନେଶକୁ ପଚାରିବାରୁ, ତାକୁ ଖୁଣ୍ଟୁଣୀ ବଜାରରୁ ଜଣେ ପିକଅପ୍ ଭ୍ୟାନ ଚାଳକ ନେଇଯାଇ ଚୌଦ୍ୱାରର ଉକ୍ତ ଢାବାରେ ଛାଡି ପଳାଇଥିଲେ। ଯିବାବେଳେ ତା'ର ବାପା ମା କେହି ନାହାନ୍ତି ବୋଲି ଦିନେଶ ସମସ୍ତଙ୍କୁ କହିବାକୁ କହି ପଳାଇଥିଲେ।

### କଳା ବିକାଶ କେନ୍ଦ୍ରର କାର୍ଯ୍ୟକାରୀ କମିଟି ନିର୍ବାଚନ

କଟକ ଅଫିସ, ୧୮।୮

ଆସନ୍ତା ତିନିବର୍ଷ ପାଇଁ କଳା ବିକାଶ କେନ୍ଦ୍ରର କାର୍ଯ୍ୟକାରୀ କମିଟି ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ଡ. ପ୍ରଭାତ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ସାହୁ, ଉପ ସଭାପତି ଡ. ଗାୟତ୍ରୀ ଦେବୀ ଏବଂ ରାଧାମୋହନ ସାହୁ, ସାଧାରଣ ସମ୍ପାଦକ ଡ. ସୁଦର୍ଶନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଭାବେ ପ୍ରତାପ କୁମାର ଚୌଧୁରୀ, ସୁଦୀପ୍ତା ଦାଶ ଓ ଦେବେନ୍ଦ୍ର କୁମାର ଦାଶ, କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଡ଼ ବିଜୟାନନ୍ଦ ସିଂ, ଗୌର ପଟ୍ଟନାୟକ, ପ୍ରତିମା ମାଲ, ପ୍ରସନ୍ନଜିତ ମହାନ୍ତି, ଅକ୍ଷୟ କୁମାର ଦାଶ, ବିଜୟ କୁମାର ମହାନ୍ତି, ଭକ୍ତ ବଲ୍ଲଭ ଦାଶ, ଡ. ସ୍ନେହଲତା ମିଶ୍ର, ଉତ୍ତରା ଲେଙ୍କା, ସୁବ୍ରତ ମୁଖାର୍ଜୀ, ଡ. ଆରତୀ ମହାନ୍ତି, ବିକାଶ ଚନ୍ଦ୍ର ଦାଶ, ଏ. ମହେଶ୍ୱର ରାଓ, ଧୈର୍ଯ୍ୟକାନ୍ତ ସେଠ, କାମାକ୍ଷା ପ୍ରସାଦ ମହତାବ ନିର୍ବାଚିତ ହୋଇଛନ୍ତି। ଇଂ. ପ୍ରଭାତ କୁମାର ନନ୍ଦ ଓ କଳାବିକାଶ କେନ୍ଦ୍ରର ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ରନାଥ ମହାନ୍ତି ନିର୍ବାଚନ ପରିଚାଳନା କରିଥିଲେ।

### ୫ ସ୍କୁଟି, ଲାପ୍‌ଟପ୍ ଜବତ: ଅଭିଯୁକ୍ତ ଗିରଫ

କଟକ ଅଫିସ, ୧୮।୮

ଲାପ୍‌ଟପ୍ ଚୋରି ଘଟଣାର ତଦନ୍ତ କରି ବାଦାମବାଡି ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ନନ୍ଦନକାନନ ଥାନା ଅଧୀନ ଗନ୍ଧରପୁରର ଦୁଷ୍ମନ୍ତ ସୁବୁଦ୍ଧି ଓରଫ ଚିନୁ(୩୧)। ଏ ନେଇ ଥାନାରେ ଏକ ମାମଲା(ନଂ.୧୮୦/୧୯) ରୁଜୁ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଢେଙ୍କାନାଳ ଭୁବନ ଅଞ୍ଚଳର କ୍ଷୀରୋଦ କୁମାର ବାରିକ ଝାଞ୍ଜିରିମଙ୍ଗଳା ଅଞ୍ଚଳରେ ଘରଭଡା ନେଇ ରହୁଥିଲେ। କ୍ଷୀରୋଦଙ୍କ ସହ ଚିନୁଙ୍କ ବନ୍ଧୁତ୍ୱ ହୋଇଥିଲା। ଏହି ସମୟରେ ଚିନୁ ନିଜର ପରିଚୟ ତାଙ୍କ ପାଖରେ ଲୁଚାଇଥିଲେ। କିଛିଦିନ ତଳେ ନିଜର ଅସୁବିଧା ଜଣାଇ ଚିନୁ କ୍ଷୀରୋଦଙ୍କୁ ତାଙ୍କ ରୁମ୍‌ରେ ରହିବା ପାଇଁ ଅନୁରୋଧ କରିଥିଲେ। ରାତିରେ




ଜବତ ସ୍କୁଟି, ଲାପ୍‌ଟପ୍ ଓ ଗିରଫ ଅଭିଯୁକ୍ତ।

ଦୁହେଁ ଏକାଠି ରହିଥିବାବେଳେ ସକାଳେ କ୍ଷୀରୋଦ ରୁମ୍‌ରେ ଚିନୁଙ୍କୁ ଛାଡି ପରୀକ୍ଷା ଦେବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ଚିନୁ କ୍ଷୀରୋଦଙ୍କ ଲାପ୍‌ଟପ୍, ପାୱାରବ୍ୟାଙ୍କ ଆଦି ନେଇ ପଳାଇଥିଲେ। କ୍ଷୀରୋଦ ରୁମ୍‌କୁ ଫେରିବା ପରେ ଉପରୋକ୍ତ ଜିନିଷ ନ ମିଳିବାରୁ ବାଦାମବାଡି ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରିବା ସହ ଚିନୁଙ୍କ ମୋବାଇଲ ଫୋନ୍ ଟ୍ରାକ କରି ତାଙ୍କୁ ଘରୁ ଗିରଫ କରିଥିଲା। ପଚରାଉଚରା ପରେ ସେ ୫ଟି ସ୍କୁଟି ଚୋରି କରି ଥିବା ଜଣାପଡିଥିଲା ବୋଲି ବାଦାମବାଡି ଥାନା ଆଇଆଇସି ହିମାଂଶୁ ଭୂଷଣ ସ୍ୱାଇଁ କହିଛନ୍ତି। ପରେ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ଉକ୍ତ ଗାଡିକୁ ଜବତ କରିଛି। ତଦନ୍ତବେଳେ ସେଥିମଧ୍ୟରୁ ୨ଜଣ ଗାଡି ମାଲିକଙ୍କ ସମ୍ପର୍କରେ ସୂଚନା ମିଳିଛି।

## ଭାରତୀୟ ଭାଷାର ଜନନୀ ସଂସ୍କୃତ ଭାଷା

କଟକ ଅଫିସ, ୧୮।୮



ବିଶ୍ୱ ସଂସ୍କୃତ ଦିବସ ସମାରୋହରେ ଯୋଗଦେଇଥିବା ଅତିଥିବୃନ୍ଦ।

ସଂସ୍କୃତ ସଙ୍ଗୀତ ନାଟକ ଏକାଡେମୀ ଓ ସଂସ୍କୃତ ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ରବିବାର ରେଭେନ୍‌ଶା କଲିଜିଏଟ୍ ସ୍କୁଲ ନେତାଜୀ ଅଡିଟୋରିୟମରେ ବିଶ୍ୱ ସଂସ୍କୃତ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଡ. ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ଯୋଗଦେଇ କହିଥିଲେ, ଭାରତୀୟ ଭାଷାର ଜନନୀ ହେଉଛି ସଂସ୍କୃତ ଭାଷା। ଏହାର ବ୍ୟବହାର ଦିନକୁ ଦିନ କମିବାରେ ଲାଗିଛି। ସଂସ୍କୃତ ଭାଷାକୁ ବଞ୍ଚାଇବାରେ ଛାତ୍ରୀଛାତ୍ରମାନଙ୍କର ମୁଖ୍ୟ ଭୂମିକା ରହିଛି ବୋଲି ସେ କହିଥିଲେ।

**ବିଶ୍ୱ ସଂସ୍କୃତ ଦିବସ ସମାରୋହ**

ମୁଖ୍ୟବକ୍ତା ଆକାଶବାଣୀ କଟକର ସହକାରୀ ନିର୍ଦ୍ଦେଶକ ତରୁଣକାନ୍ତି ରାଉତ କହିଥିଲେ, ଓଡ଼ିଆ ଭାଷା ଭଳି ସଂସ୍କୃତ ଭାଷାକୁ ଓଡ଼ିଶାର ଲୋକମାନେ ଗ୍ରହଣ କରିବା ଆବଶ୍ୟକ। ଏଥିରେ ସମ୍ମାନିତ ଅତିଥି ଭାବେ ରେଭେନ୍‌ଶା କଲିଜିଏଟ୍ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଡ. ଅନୁସ୍ମିତା ସ୍ୱାଇଁ ଓ କଟକ ମାରୱାଡି ସମାଜର ସାଧାରଣ ସମ୍ପାଦକ ରମଣ ବାଗାଡିଆ ଯୋଗଦେଇଥିଲେ। ଏହି ଅବସରରେ ପଣ୍ଡିତ ଗୋବିନ୍ଦ ଚନ୍ଦ୍ର ମିଶ୍ର, ପୂର୍ଣ୍ଣେନ୍ଦୁ ତ୍ରିପାଠୀ ଓ ବାମଦେବ ବରାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଦୀପ୍ତ କୁମାର ଦାସ, ଗୁରୁ ପ୍ରସାଦ ରଥ, ବିଶ୍ୱନାଥ ମିଶ୍ର, କାଳୀପ୍ରସନ୍ନ ଶତପଥୀ, ବିପିନ ବିହାରୀ ଶତପଥୀ, ନୀରଦ ଚନ୍ଦ୍ର ଆର୍ଯ୍ୟଙ୍କ ସମେତ ଏକାଡେମୀର ବହୁ ସଦସ୍ୟ ଓ ସ୍କୁଲର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପ୍ରାଧାପିକା ମନୀଷା ଦାସ ଧନ୍ୟବାଦ ଦେଇଥିଲେ।

## କାର୍ଯ୍ୟକ୍ଷମ ହେଲା ମାଇକ୍ରୋ କମ୍ପୋଷ୍ଟ ପ୍ଲାଣ୍ଟ

କଟକ ଅଫିସ, ୧୮।୮

କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ମହାନଦୀବିହାରସ୍ଥିତ ବିଏସ୍‌ଏନ୍‌ଏଲ୍ କଲୋନୀରେ ମାଇକ୍ରୋ କମ୍ପୋଷ୍ଟ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇଛି। ୟୁଏନ୍‌ଡିପି, ସିଏମ୍‌ସି, ବିଏସ୍‌ଏନ୍‌ଏଲ୍, ଇମ୍ପାର ମିଳିତ ସହଯୋଗରେ ଏହି ପ୍ଲାଣ୍ଟ ଆରମ୍ଭ ହୋଇଛି। ୧୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ପ୍ଲାଣ୍ଟରେ ୩ ଜଣ କର୍ମଚାରୀ ପ୍ଲାଣ୍ଟ ଚଲାଇବା ସହ ଦାୟିତ୍ୱରେ ରହିବେ। ଏ ନେଇ ସମସ୍ତ କର୍ମଚାରୀଙ୍କୁ ତାଲିମ ଦିଆଯାଇଛି। ବିଏସ୍‌ଏନ୍‌ଏଲ୍ କଲୋନୀରେ ଥିବା ସମସ୍ତଙ୍କ ଘରୁ ଟ୍ରଲି ସାହାଯ୍ୟରେ ଜୈବିକ ଜିନିଷଗୁଡ଼ିକ ଅଣାଯାଇ ଏହି ପ୍ଲାଣ୍ଟରେ କମ୍ପୋଷ୍ଟ କରାଯିବ। ଏଥିରୁ ଉତ୍ପାଦନ ହେଉଥିବା ଜୈବିକ ଖତକୁ ସିଏମ୍‌ସି ବିକ୍ରି କରିବ। ଏଥିସହ ସିଏମ୍‌ସି ଅଧୀନରେ ଥିବା ସମସ୍ତ ପାର୍କ ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ଉକ୍ତ ଖତ ବ୍ୟବହାର କରାଯିବ ବୋଲି ସିଏମ୍‌ସି କମିଶନର ଅନନ୍ୟା ଦାସ କହିଛନ୍ତି। ସମସ୍ତ ପରିବାରକୁ ଡଷ୍ଟବିନ ଯୋଗାଇ ଦିଆଯିବ, ଓଦା ଓ ସୁଖିଲା ଆବର୍ଜନାକୁ ଅଲଗା ଅଲଗା ଭାବେ ପକାଇବା ନିମନ୍ତେ ଅଞ୍ଚଳବାସୀଙ୍କୁ ସଚେତନ କରାଯିବା ସହ ଆବର୍ଜନା ସଂଗ୍ରହ କରିବାକୁ ଯିବା କର୍ମଚାରୀଙ୍କୁ ଏ ନେଇ ସଚେତନ କରାଯାଇଛି। ଏହା ଠିକ୍ ଭାବେ କାର୍ଯ୍ୟକାରୀ ହେଲେ ୬ ମାସ ମଧ୍ୟରେ ସ୍ଥାନୀୟ କଲୋନୀ ରେସିଡେନ୍ସିଆଲ ୱେଲଫେୟାର ଆସୋସିଏଶନକୁ ହସ୍ତାନ୍ତର କରାଯିବାର ଯୋଜନା ରହିଛି। ଏହି ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେବା ଫଳରେ ସହରରେ ଆବର୍ଜନାର ମାତ୍ରାକୁ ହ୍ରାସ କରାଯାଇପାରିବ। ଆଗାମୀ ଦିନରେ ଏନ୍‌ଜିଟି ନିୟମ ଅନୁଯାୟୀ, ବିଭିନ୍ନ ଅଞ୍ଚଳରେ ଏଭଳି ମାଇକ୍ରୋ କମ୍ପୋଷ୍ଟ ପ୍ଲାଣ୍ଟ ନିର୍ମାଣ କରାଯିବା ଯୋଜନା ରହିଛି ବୋଲି ୟୁଏନ୍‌ଡିପି ଅଧିକାରୀ ପ୍ରଦୀପ କୁମାର ମହାନ୍ତି କହିଛନ୍ତି। ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେବାବେଳେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, କମିଶନର ଅନନ୍ୟା ଦାସ, ସିଏମ୍‌ସି ସେକ୍ରେଟାରୀ ଲତାଶ୍ରୀ ବାଗ, ବିଏସ୍‌ଏନ୍‌ଏଲ୍ ଜିଏମ୍ ହରିଶ ଚନ୍ଦ୍ର ମହାନ୍ତି, ଇମ୍ପାର ଭାଇସ ପ୍ରେସିଡେଣ୍ଟ ଅଶୋକ ବେହେରା, ୟୁଏନ୍‌ଡିପି ରାଜ୍ୟ ମୁଖ୍ୟ ଆଭା ମିଶ୍ରଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ।



“ ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଉଥାଏ,
ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲ୍‌ଟନ୍



## ସଂକ୍ଷେପରେ

### ଛାଡୁ ନ ଥିଲେ : ପ୍ରଶାସନ ତାଲା ଭାଙ୍ଗି ନିଜ ହେପାଜତକୁ ନେଲା

**ଖୋର୍ଦ୍ଧା ଅଫିସ,୧୮।୮:** ଖୋର୍ଦ୍ଧା ସହରର ବିଡିଏ କଲ୍ୟାଣମଣ୍ଡପ ଓ ଯାତ୍ରୀ ନିବାସର ଚୁକ୍ତିନାମା ମିଆଦ ଜୁଲାଇ ୩୧ରୁ ଶେଷ ହୋଇଥିଲା। ହେଲେ ନିଲାମ ନେଇଥିବା ସଂସ୍ଥା ନିର୍ଦ୍ଧାରିତ ସମୟରେ କଲ୍ୟାଣ ମଣ୍ଡପ ଓ ଯାତ୍ରୀ ନିବାସକୁ ଖୋର୍ଦ୍ଧା ମ୍ୟୁନିସିପାଲିଟିକୁ ନ ଛାଡି ନିଜ କବ୍‌ଜାରେ ରଖିଥିଲେ। ତେବେ ଜିଲାପାଳଙ୍କ ନିର୍ଦ୍ଦେଶରେ ତାଲା ଭାଙ୍ଗି ମ୍ୟୁନିସିପାଲିଟି ନିଜ ହେପାଜତକୁ ଶନିବାର କଲ୍ୟାଣମଣ୍ଡପ ଓ ଯାତ୍ରୀ ନିବାସ ନେଇଛି।

### କ୍ଷତିପୂରଣ ନ ଦେବାରୁ ଲୁଟ୍

**ଖୋର୍ଦ୍ଧା ଅଫିସ,୧୮।୮:** କ୍ଷତିପୂରଣ ନ ଦେବାରୁ କାର ଡ୍ରାଇଭର ଟ୍ରକ ଡ୍ରାଇଭରଠାରୁ ୧୭,୫୦୦ ଟଙ୍କା, ଡ୍ରାଇଭର ଲାଇସେନ୍ସ, ଅନ୍ୟ କାଗଜପତ୍ର ନେଇ ଫେରାର ହୋଇଯାଇଛନ୍ତି। ଅନୁଗୋଳରୁ ଗୋପାଳପୁରକୁ ଯାଉଥିବା ଟ୍ରକ ୧୬ ନଂ. ଜାତୀୟ ରାଜପଥରେ ଏକ କାରକୁ ଧକ୍କା ଦେଇଥିଲା। କାର ଡ୍ରାଇଭର କ୍ଷତିପୂରଣ ମାଗିବାରୁ ଟ୍ରକ ଡ୍ରାଇଭର ଦେଇ ନ ଥିଲେ। ଟ୍ରକ ଡ୍ରାଇଭରଙ୍କ ଅଭିଯୋଗକ୍ରମେ ଖୋର୍ଦ୍ଧା ସଦର ଥାନା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଇପିଏଫ୍ ପେନଶନରସ୍ ଆସୋସିଏଶନର ବୈଠକ

**ଖୋର୍ଦ୍ଧା ଅଫିସ,୧୮।୮:** ଅଲ ଓଡ଼ିଶା ଇପିଏଫ୍ ପେନଶନରସ୍ ଆସୋସିଏସନ୍‌ର ବୈଠକ ଖୋର୍ଦ୍ଧା ଶ୍ରୀ ଚନ୍ଦ୍ରଶେଖର ଦେବଙ୍କ ପୀଠରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା କାର୍ଡ ବ୍ୟାଙ୍କର ଅବସରପ୍ରାପ୍ତ ସମ୍ପାଦକ ହରେନ୍ଦ୍ରନାଥ ପାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମ, ସଭାପତି ରଞ୍ଜନ କୁମାର ଖୁଣ୍ଟିଆ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ସର୍ବନିମ୍ନ ପେନଶନ ୭ ହଜାର ୫୦୦ଟଙ୍କାକୁ ବୃଦ୍ଧି, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନଶନ୍ ପ୍ରଦାନ, ଇପିଏଫ୍ ପେନଶନ୍ ଭୋଗୀଙ୍କୁ ଆୟୁଷ୍ମାନ ଯୋଜନାରେ ସାମିଲ କରିବା ଦାବିକୁ ସରକାରୀ ସ୍ତରରେ ତ୍ୱରାନ୍ୱିତ କରି ଲାଗୁ କରିବାକୁ ନିଷ୍ପତ୍ତି ହୋଇଛି। ଜଣେ ଇପିଏଫ୍ ପେନଶନ ଭୋଗୀ ୬୦୦ରୁ ୨୬୦୦ ଟଙ୍କା ପେନଶନ୍ ପାଉଛି। ଯାହାକି ଜଣେ ବରିଷ୍ଠ ନାଗରକଙ୍କ ପାଇଁ କିଛି ନୁହେଁ। ଏହି ସଭାରେ ବାଙ୍କୀ, ଆଠଗଡ, ବ୍ରହ୍ମପୁର, ଖୋର୍ଦ୍ଧା କାର୍ଡ ବ୍ୟାଙ୍କର ଅବସରପ୍ରାପ୍ତ ଇପିଏଫ୍ ପେନଶନଧାରୀ, ଉଠା ଜଳସେଚନ ବିଭାଗର ଅବସରପ୍ରାପ୍ତ କର୍ମଚାରୀ, ବରୁଣେଇ ପାୱାର ଲୁମ୍, ରାଜସ୍ୱ ପରିବହନ କମ୍ପାନୀ, ହ୍ୟାଣ୍ଡଲୁମ୍ କର୍ପୋରେଶାନର ଅବସରପ୍ରାପ୍ତ କର୍ମଚାରୀ ଯୋଗ ଦେଇଥିଲେ।

### ସଂସ୍କୃତ କଲେଜରେ ପାକ୍ଷିକ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ନିରାକାରପୁର,୧୮।୮ (ଡି.ଏନ.ଏ.)-** ଖୋର୍ଦ୍ଧା ଜିଲା ଲେଣ୍ଡୋ ପଞ୍ଚାୟତ ସାନଗୋବିନ୍ଦପୁରସ୍ଥିତ ସୌରୀ ଚରଣ ସଂସ୍କୃତ ମହାବିଦ୍ୟାଳୟରେ ପାକ୍ଷିକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଜାତୀୟ ସେବା ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧକ୍ଷ ପ୍ରମୋଦ କୁମାର ଜେନା ପୌରୋହିତ୍ୟ କରି ନିଜ ଅଭିଭାଷଣରେ ସମାଜକୁ କୁସଂସ୍କାର ମୁକ୍ତ, ନିଶା ନିବାରଣ ଓ ସ୍ୱଚ୍ଛତା ଉପରେ ଆଲୋକପାତ କରିଥିଲେ। ଅଧାପିକା ଦେବସ୍ମିତା ମହାପାତ୍ର ପାକ୍ଷିକ ସ୍ୱଚ୍ଛତା ଅଭିଯାନର ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଗଙ୍ଗାଧର ପାଢଶାଣୀ ଯୋଗ ଦେଇଥିବାବେଳେ ଅଧାପକ ଶ୍ରୀ ନିବାସ ଆଚାର୍ଯ୍ୟ, ସୂଚୀନ୍ଦ୍ର ନାୟକ, ରଞ୍ଜନ କୁମାର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱଚ୍ଛତା ସଚେତନତା ନେଇ ଏହି ଅବସରରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

### ଏମ୍‌ପି ଅପରାଜିତାଙ୍କୁ ନାଗରିକ ସମ୍ବର୍ଦ୍ଧନା

**ଟାଙ୍ଗୀ(ଖୋର୍ଦ୍ଧା), ୧୮।୮ (ଡି.ଏନ.ଏ.)-** ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବଡପାରୀ ଗ୍ରାମସ୍ଥିତ ସିଭିଲ୍ ସୋସାଇଟି ତରଫରୁ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ରବିବାର ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏମ୍‌ପିଙ୍କ ସହ ଭାଜପା ନେତା କାଳୁ ଚରଣ ଖଣ୍ଡେଇତରାୟ ଉପସ୍ଥିତ ଥିଲେ। ହାଇସ୍କୁଲ ପରିସରରେ ସୋସାଇଟି ସଭାପତି ରଘୁନାଥ ପାଲଟାସିଂହଙ୍କ ଅଧକ୍ଷତାରେ ସଭା ହୋଇଥିଲା। ଏହି ଅବସରରେ ଗ୍ରାମର ଉନ୍ନତି ନିମନ୍ତେ ସିଭିଲ ସୋସାଇଟି ପକ୍ଷରୁ ତାଙ୍କୁ ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିକାଶକୁ ଲକ୍ଷ୍ୟ ରଖି ଏମ୍‌ପି ଷଡଙ୍ଗୀ ବଡ଼ପାରୀକୁ ପୋଷ୍ୟ ଗ୍ରାମ ରୂପେ ଗ୍ରହଣ କରାଗଲା ବୋଲି ଘୋଷଣା କରିଥିଲେ।

## ■ ଖୋର୍ଦ୍ଧାରେ ପରିମଳ ସେବା ବିପର୍ଯ୍ୟସ୍ତ

# ଠିକାଦାର, ଖାତାଦାରଙ୍କ ମନମାନି ବିରୋଧରେ ଆନ୍ଦୋଳନ

**ଖୋର୍ଦ୍ଧା ଅଫିସ,୧୮।୮**

ଖୋର୍ଦ୍ଧା ଜିଲା ସଦର ମହକୁମାର ଖୋର୍ଦ୍ଧା ସହରରେ ପରିମଳ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ଠିକାଦାର, ଖାତାଦାରଙ୍କର ମନମାନି ବିରୋଧରେ ଖୋର୍ଦ୍ଧା ମ୍ୟୁନିସିପାଲିଟିର ସଫେଇ କର୍ମଚାରୀ ଆନ୍ଦୋଳନ କରିବା ପରେ ଶନିବାରଠାରୁ ପରିମଳ ସେବା ବନ୍ଦ ହୋଇଯାଇଛି। ସଫେଇ କର୍ମଚାରୀମାନେ ସଫେଇ ଅଧାରେ ରଖି କାର୍ଯ୍ୟ ବନ୍ଦ କରି ପ୍ରତିବାଦ କରିଛନ୍ତି।

ଅଭିଯୋଗ ଅନୁସାରେ, ୨୦୧୬ ମେ ୧୬ ରୁ ଖୋର୍ଦ୍ଧା ମ୍ୟୁନିସିପାଲିଟିର ୨ଟି ୱାର୍ଡକୁ ଛାଡି ଦେଲେ ୨୦ଟି ୱାର୍ଡର ପରିମଳ ସେବା ଘରୋଇ କରଣ ହୋଇଛି। ଇତିମଧ୍ୟରେ ପ୍ରାୟ ଅଢେଇ ବର୍ଷରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ସଫେଇ କର୍ମଚାରୀଙ୍କ ପ୍ରତି ଅଣଦେଖା କରାଯାଉଥିବା ଅଭିଯୋଗ ଉଠିଛି। ଏଠାରେ ୭୦ ଜଣ ସଫେଇ କର୍ମଚାରୀ ନିୟୋଜିତ ଅଛନ୍ତି। ତେବେ କେଉଁ ସଂସ୍ଥା ସଫେଇ ବ୍ୟବସ୍ଥା ନେଇଛି ସଫେଇ କର୍ମଚାରୀଙ୍କୁ କୁହାଯାଉନି। ଏପରି କି ଠିକାଦାର ସଫେଇ କର୍ମଚାରୀଙ୍କ ସହ ସୁବିଧା, ଅସୁବିଧା ସମ୍ପର୍କରେ ଯୋଗାଯୋଗ କରୁନାହାନ୍ତି। ସଫେଇ କର୍ମଚାରୀ ଠିକାଦାରଙ୍କୁ ଦେଖିବାକୁ ନ ପାଇବାରୁ ଖାତାଦାର ମନମାନି କରି ସଫେଇ କର୍ମଚାରୀଙ୍କୁ ବିଭିନ୍ନ ସମୟରେ ହଇରାଣ ହରକତ କରୁଛନ୍ତି। ସଫେଇ କର୍ମଚାରୀଙ୍କୁ ଇପିଏଫ ସ୍ଲିପ ଦିଆଯାଉନି। ଯଦି କିଏ ଇପିଏଫ୍ ସ୍ଲିପ ମାଗିଲା ତେବେ ଛଟେଇ କରାଯାଉଛି। ଇପିଏଫ ସ୍ଲିପ ମାଗି ୪ ଜଣରୁ ଊର୍ଦ୍ଧ୍ୱ ଚାକିରି ହରାଇ ସାରିଲେଣି। ଅନ୍ୟପକ୍ଷେ ସଫେଇରେ ଅବହେଳା ନ ଥିଲେ ମଧ୍ୟ ନିୟମିତ ଦରମା ମିଳୁନି। କେତେ ରେଡିୟସ ଭିତରେ କେତେ ସଫେଇ କର୍ମଚାରୀ ନିୟୋଜିତ ହେବେ ତା'ର ହିସାବ ସଫେଇ କର୍ମଚାରୀ ଜାଣୁନାହାନ୍ତି। ଇପିଏଫ ଓ ଇଏସ୍‌ଆଇ ବାବଦକୁ ଦିନକୁ ୩୮ ଟଙ୍କା କଟାଯାଇ ୨୪୨ ଟଙ୍କା ଦରମା ଦେଉଛନ୍ତି। ହେଲେ କୌଣସି ସଫେଇ କର୍ମଚାରୀ ଇପିଏଫ ଓ ଇଏସ୍‌ଆଇ ସୁବିଧା ପାଉନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ମାସକୁ ୩୦ ଦିନର କାମ ଦିଆ ନ ଯାଇ ୨୬ ଦିନର କାମ କରିବାକୁ କୁହାଯାଉଛି। ରେନିକୋଟ ନ ଦେବାରୁ ବର୍ଷା ସମୟରେ ଓଦା ହୋଇ କାମ କରିବାକୁ ପଡୁଛି। ଦିନକୁ ୮ ଘଣ୍ଟା ବଦଳରେ ମନଇଚ୍ଛା କାମରେ ଲଗାଯାଉଛି। ପ୍ରତିବାଦ କଲେ ଛଟେଇ କରାଗଲା ବୋଲି କୁହାଯାଉଛି। ଏ ନେଇ ସଫେଇ କର୍ମଚାରୀ ସଂଘର ସଭାପତି ମୋହନ ନାୟକ କୁହନ୍ତି, ଶିକ୍ଷା ସଚେତନାର ଅଭାବ ଯୋଗୁ ଦଳିତ ଲୋକମାନଙ୍କୁ ଅନ୍ଧକାରରେ ରଖାଯାଉଛି। ନିଜ ଦାୟିତ୍ୱ ସମ୍ପନ୍ନ ପରେ ବି ଖୋର୍ଦ୍ଧା ମ୍ୟୁନିସିପାଲିଟିର ସଫେଇ କର୍ମଚାରୀମାନେ ସେମାନଙ୍କର ହକ୍ ପାଉନାହାନ୍ତି। କାମ କରିବା ସମୟରେ ସୁରକ୍ଷା ଉପକରଣ ଯୋଗାଇ ଦିଆଯାଉନି। ଦରମା ଠିକ୍‌ରେ ମିଳୁନି। ଜୁଲାଇ ମାସର ଦରମା ଅଗଷ୍ଟ ୧୮ ହୋଇଥିଲେ ମଧ୍ୟ ଦିଆଯାଇନାହିଁ। ଏଣୁ ସୋମବାର ସଫେଇ କର୍ମଚାରୀମାନେ ନିଜ ହକ୍ ପାଇଁ ଆନ୍ଦୋଳନ କରିବେ। ସମ୍ପାଦକ ପ୍ରଶାନ୍ତ ନାୟକ ଓ ଉପସଭାନେତ୍ରୀ ତୁଳସୀ ଦେଇ କୁହନ୍ତି, ଠିକାଦାର, ଖାତାଦାରଙ୍କର ମନମାନି ବିରୋଧରେ ସଫେଇ କର୍ମଚାରୀ ଆନ୍ଦୋଳନ ଡାକରା ଦେଇ ସାରିଛନ୍ତି। ଶନିବାରଠାରୁ ଆନ୍ଦୋଳନ ଆରମ୍ଭ ହୋଇ ସାରିଲାଣି। ଦାବିପୂରଣ ନ ହେଲେ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲୁ ରହିବ। କାର୍ଯ୍ୟକାରୀ ସଭାପତି ଭରତ ନାୟକ କୁହନ୍ତି, ଇପିଏଫ ଓ ଇଏସ୍‌ଆଇ ସୁବିଧା, ସଫେଇ କର୍ମଚାରୀଙ୍କୁ ଛଟେଇ ବନ୍ଦ କରିବା, ନିୟମିତ ଦରମା ଦେବା, ଖାତାଦାର ଜୁଲମରୁ ମୁକ୍ତ କରିବା, ଠିକାଦାରଙ୍କ ନାମ ପ୍ରଦାନ କରିବା ସହ ଘରୋଇକରଣ ୱାର୍ଡରେ କେତେ ସଫେଇ କର୍ମଚାରୀ ନିୟୋଜିତ ହେବାର ନିୟମ ରହିଛି ତାହା ଅବଗତ କରାଇବା ପରି ଦାବି ରଖାଯାଇ ଆନ୍ଦୋଳନ କରାଯାଇଛି।

**କାମ ବନ୍ଦ କରି ପ୍ରତିବାଦ କଲେ ସଫେଇ କର୍ମଚାରୀ**



ମହିଳା ମହାବିଦ୍ୟାଳୟକୁ ଲାଗିଥିବା ରାସ୍ତାରେ ଆବର୍ଜନା ପଡିରହିଛି ।

## ■ ରାଜ୍ୟସ୍ତରୀୟ ବୃକ୍ଷପ୍ରେମୀ ସମାବେଶ

# ଗଛ ଲଗାଇ ଜଙ୍ଗଲ ସୁରକ୍ଷା ଅଭିଯାନର ଶୁଭାରମ୍ଭ

**ଖୋର୍ଦ୍ଧା ଅଫିସ,୧୮।୮**

ସ୍ୱେଚ୍ଛାସେବୀ, ସାଂସ୍କୃତିକ ଓ ସାରସ୍ୱତ ଅନୁଷ୍ଠାନ ପ୍ରେରଣା ଓ ବାପୁଜୀ କ୍ଲବର ମିଳିତ ସହଯୋଗରେ ଗୟାବନ୍ଧ ଗ୍ରାମଠାରେ ରାଜ୍ୟସ୍ତରୀୟ ବୃକ୍ଷପ୍ରେମୀ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫ ହଜାର ବୃକ୍ଷରୋପଣ କରାଯାଇ ଜଙ୍ଗଲ ସୁରକ୍ଷା ଅଭିଯାନର ଉଦ୍‌ଘାଟନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ଉନ୍ମୋଚନ କରି କହିଥିଲେ ପରିବେଶ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ, ଉତାପ ବୃଦ୍ଧି ଜନିତ ସମସ୍ୟା ସମଗ୍ର ବିଶ୍ୱର ସଙ୍କଟ ଭାବେ ଉଭା ହେଇଛି। ଏଥିରୁ ମୁକ୍ତି ପାଇବାକୁ ଜଙ୍ଗଲ ସୁରକ୍ଷା ଓ ବ୍ୟାପକ ବୃକ୍ଷରୋପଣ ଏକାନ୍ତ ଅପରିହାର୍ଯ୍ୟ। ଅନ୍ୟମାନଙ୍କ ମଧ୍ୟରେ ବାପୁଜୀ କ୍ଲବ୍‌ର ସଭାପତି ଅବଦୁଲ ଇବ୍ରାହିମ ଖାଁ, ଓଡ଼ିଶା ବୀର ମହାସଂଘର ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ, ସ୍ଥାନୀୟ ସ୍କୁଲର ସଭାପତି ମନଜୁର ଅଲ୍ଲି, ପ୍ରଧାନ ଶିକ୍ଷକ ଡ. ଶରତ ଚଉଁରୀ, ଭୁବନେଶ୍ୱର ଏମ୍‌ପି ଷଡଙ୍ଗୀ, କାଳୁଚରଣ ଖଣ୍ଡାୟତରାୟ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଜଙ୍ଗଲ ସୁରକ୍ଷା ଓ ବୃକ୍ଷରୋପଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ପରିବେଶବିତ୍ ଓ ବୃକ୍ଷପ୍ରେମୀମାନେ ସୁସ୍ଥ ପରିବେଶ, ସୁସ୍ଥ ଜୀବନ, ଜଙ୍ଗଲ ଜୀବଜଗତର ଫୁସ୍‌ଫୁସ୍ ଆଦି ବିଷୟକୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବୃକ୍ଷରୋପଣ, ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ଓଡ଼ିଶାର ୩୦ ଜଣଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହିତ 'ଜଙ୍ଗଲ ସୁରକ୍ଷା, ଜୀବନ ରକ୍ଷା' ସମ୍ପର୍କିତ ଶୋଭାଯାତ୍ରା ସ୍ଥାନୀୟ ୫ ଗୋଟି ପରିକ୍ରମା କରିଥିଲା।



ଶୋଭାଯାତ୍ରା ପରିକ୍ରମା କରାଯାଉଛି ।

## ■ ଆଦର୍ଶ ବିଦ୍ୟାଳୟ ସ୍ଥାପନରେ ବିଳମ୍ବ ନେଇ ବୈଠକ

# ୭ ଦିନ ମଧ୍ୟରେ ପଦକ୍ଷେପ ନ ହେଲେ ଆନ୍ଦୋଳନ

**ଟାଙ୍ଗୀ(ଖୋର୍ଦ୍ଧା),୧୮।୮(ଡି.ଏନ.ଏ.)**

ଟାଙ୍ଗୀରେ ଆଦର୍ଶ ବିଦ୍ୟାଳୟ ସ୍ଥାପନରେ ବିଳମ୍ବ ନେଇ ରବିବାର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସାମାଜିକ କର୍ମୀ କୁବେର କଳସଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ସୁପ୍ରଭା ମହାପାତ୍ର ଓ ସମିତି ସଭ୍ୟ ଶାନ୍ତନୁ କୁମାର ପ୍ରଧାନଙ୍କ ଯୁଗ୍ମ ଆବାହକତ୍ୱରେ ବୈଠକ ଆୟୋଜିତ ହୋଇଥିଲା। ଆଦର୍ଶ ବିଦ୍ୟାଳୟ ସ୍ଥାପନ ନେଇ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମହାପାତ୍ର ଓ ସାମାଜିକ କର୍ମୀ ବିଜୟ କୁମାର ମହାପାତ୍ର ସୂଚନା ପ୍ରଦାନ କରିଥିଲେ । ଉଲ୍ଲେଖଯୋଗ୍ୟ, ରତ୍ନମାଳୀ ପାହାଡ଼ ପାଦଦେଶସ୍ଥିତ ରାଜସ୍ୱ ବିଭାଗ ଜମିରେ ଏହି ଆଦର୍ଶ ବିଦ୍ୟାଳୟ ନିର୍ମିତ ହେବାକୁ ଯୋଜନା କରାଯାଉଥିବାବେଳେ ବନ ବିଭାଗ ପକ୍ଷରୁ ଅଭିଯୋଗ ହେତୁ ଟେଣ୍ଡର ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲେ ମଧ୍ୟ ତାହା ଆଗେଇ ପାରୁନାହିଁ।



ଆଲୋଚନାରେ ଯୋଗ ଦେଇଥିବା ପ୍ରତିନିଧି ଓ ଅନ୍ୟମାନେ।

**ରାଜସ୍ୱ ଓ ବନ ବିଭାଗ ଟଣାଓଟରା ଯୋଗୁ ପ୍ରତିବନ୍ଧକ**

ରାଜସ୍ୱ ଓ ବନ ବିଭାଗ ମଧ୍ୟରେ ଟଣା ଓଟରା ଯୋଗୁ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଉଥିବା ଆଲୋଚନାବେଳେ ସୂଚନା ମିଳିଛି। ଟାଙ୍ଗୀ ପ୍ରତିନିଧିମାନେ ଡିଏଫ୍‌ଓ, ଜିଲାପାଳ ଓ ତହସିଲଦାର ପ୍ରମୁଖଙ୍କୁ ସାକ୍ଷାତ କରିଥିଲେ ମଧ୍ୟ ସୁଫଳ ମିଳିପାରୁନାହିଁ । ତେଣୁ ଏହି ସର୍ବଦଳୀୟ ବୈଠକରେ ଆନ୍ଦୋଳନାତ୍ମକ ପନ୍ଥାର ଆଶ୍ରୟ ନେବା ପାଇଁ ନିଷ୍ପତ୍ତି ହୋଇଛି। ସ୍ଥାନୀୟ ତହସିଲଦାର, ଜିଲାପାଳ, ରାଜସ୍ୱ ଶାସନ ସଚିବ, ରାଜସ୍ୱ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନପୂର୍ବକ ୭ ଦିନ ମଧ୍ୟରେ ପଦକ୍ଷେପ ନେବାକୁ ଚେତାବନୀ ଦିଆଯିବ । ସମସ୍ୟାର ସମାଧାନ ନ ହେଲେ ତହସିଲଦାରଙ୍କ କାର୍ଯ୍ୟାଳୟକୁ ଅଚଳ କରି ଦିଆଯିବା ନେଇ ବୈଠକରେ ଚେତାବନୀ ଦିଆଯାଇଛି।

### ୧୫୦ତମ ଗାନ୍ଧୀ ଜୟନ୍ତୀ ପାଳନ ଉପଲକ୍ଷେ ପ୍ରସ୍ତୁତି

**ଖୋର୍ଦ୍ଧା ଅଫିସ,୧୮।୮:**

ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସଙ୍ଗଠନ ଜାଗ ଓଡ଼ିଶା ଜାଗ ଆନୁକୂଲ୍ୟରେ ସ୍ଥାନୀୟ କୋଣାର୍କନଗରସ୍ଥିତ ଇନ୍ଦିରା ଇଂରାଜି ବିଦ୍ୟାଳୟ ପରିସରରେ ରବିବାର ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ନାରାୟଣ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଖୋର୍ଦ୍ଧାରେ 'ଗାନ୍ଧୀ ସେବା ସଦନ' ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ରାଜ୍ୟର ବିଭିନ୍ନ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନଗୁଡିକକୁ ନେଇ ମହାତ୍ମା ଗାନ୍ଧୀଙ୍କ ଉପରେ ଏକ ଲିଖିତ ପ୍ରତିଯୋଗିତା ଯାହାକି ବ୍ଲକ, ଜିଲା ଓ ରାଜ୍ୟ ସ୍ତରରେ ପାଳନ କରାଇବାକୁ ସ୍ଥିର ହୋଇଛି। କୃତୀ ପ୍ରତିଯୋଗୀଙ୍କୁ ଜାଗ ଓଡ଼ିଶା ଜାଗ ପକ୍ଷରୁ ପୁରସ୍କୃତ କରାଯିବ। ଏଥିରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଆଇନଜୀବୀ ଶିଶିର କୁମାର ପରିଡ଼ା, ସାହିତ୍ୟିକ ଗୋବିନ୍ଦ ଚନ୍ଦ୍ର ମହାରଣା ପ୍ରମୁଖ ଯୋଗ ଦେଇଥିଲେ।

# ମହିଳା ମହାସଂଘର ବାର୍ଷିକ ଉତ୍ସବ

**ବୋଲଗଡ଼,୧୮।୮(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ମହିଳା ମହାସଂଘର ୨ୟ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାନେତ୍ରୀ ଗୀତାଞ୍ଜଳି ମହାନ୍ତି ସଭାରେ ପୌରୋହିତ୍ୟ କରିଥିଲେ । ମୁଖ୍ୟ ଅତିଥି ଭାବେ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଉପାଧକ୍ଷ ଦୁର୍ଯ୍ୟୋଧନ ସ୍ୱାଇଁ, ସାମାଜିକ କର୍ମୀ ବିଜୟ କୁମାର ନାୟକ ଏବଂ ବିଜୟ କୁମାର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ବିପିଏମ୍ ପ୍ରକାଶ ବଳିୟାରସିଂ ସଭାରେ ଯୋଗଦେଇ ମହିଳାଙ୍କ ଆର୍ଥିକ ତଥା ସାମାଜିକ ଉନ୍ନତି ପାଇଁ ସରକାରଙ୍କ ବିଭିନ୍ନ ଯୋଜନାଭିତ୍ତିକ ସୁବିଧା ଓ ସୁଯୋଗ ବିଷୟରେ ଆଲୋକପାତ କରିଥିଲେ।




ଉତ୍ସବରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

# ପଦ୍ମନାଭ ଶତପଥୀ ସ୍ମାରକୀ ପ୍ରତିଯୋଗିତା

**ଜଟଣୀ,୧୮।୮(ଡି.ଏନ.ଏ.):**

ଜଟଣୀ କୁଶମାଟି-ଛଣଘର ବିଦ୍ୟାଳୟ ସମୂହ ବିକାଶ ସମିତି ପକ୍ଷରୁ ୧୮ ତମ ପଦ୍ମନାଭ ଶତପଥୀ ସ୍ମାରକୀ ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଛଣଘର କୁଶମାଟି ନୋଡାଲ ସ୍କୁଲ ପରିସରରେ ଏହା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଇପ୍‌ସିତା ସ୍ୱାଇଁ, ଅନୁସୂୟା ଜେନା ଓ ରତୁପର୍ଣ୍ଣା ମହାପାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ ଗୋପାଳ ମେମୋରିଆଲ୍ ପକ୍ଷରୁ ସ୍କୁଲରେ ସମୂହ ସଫଳତା ପାଇଥିବା ଛାତ୍ର ଅଭିଷେକ ମହାନ୍ତି ଓ ପୁନମ୍ ଜଗଦେବଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ସ୍କୁଲର ପ୍ରଧାନ ଶିକ୍ଷକ ବାସୁଦେବ ମହାନ୍ତି, ପରିଚାଳନା କମିଟି ସଦସ୍ୟ କାଳୀପ୍ରସାଦ ଦାସ, ବିନୋଦ ସାହୁ, କ୍ଷେତ୍ରମୋହନ ଶତପଥୀ ଓ ଅନ୍ୟ ଗ୍ରାମବାସୀଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।



କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି ।

# ବେଗୁନିଆ ବିଧାୟକଙ୍କୁ ସମ୍ବର୍ଦ୍ଧନା

**ବୋଲଗଡ଼,୧୮।୮(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ଟିକାତାଲସ୍ଥିତ ଶ୍ରୀରାମକୃଷ୍ଣ ସେବାଶ୍ରମରେ ଅନୁଷ୍ଠିତ ଏକ ବିଶେଷ ଅଧିବେଶନରେ ରବିବାର ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅବସରପ୍ରାପ୍ତ ପ୍ରଶାସକ ସୁଧାକର ସାମନ୍ତରାୟ ସଭାରେ ପୌରୋହିତ୍ୟ କରିଥିଲେ। ସେବାଶ୍ରମର ଅଧକ୍ଷ ସ୍ୱାମୀ ଭାଗବତାନନ୍ଦପୁରୀ ବିଧାୟକ ସାହୁଙ୍କୁ ଅଭିନନ୍ଦନ ପତ୍ର ଓ ଉପାୟନ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଶିକ୍ଷକ ମନୋଜ ଗୁମାନସିଂ, ରାଜକିଶୋର ଛୁଆଳସିଂ ଓ ସ୍ୱାମୀ ଗଣେଶାନନ୍ଦ ବେଦପାଠ କରିଥିଲେ । ସମ୍ପାଦକ ସର୍ବେଶ୍ୱର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶିକ୍ଷକ ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ବିଜୟ କୁମାର ମହାପାତ୍ର ସେବାଶ୍ରମର ବିଭିନ୍ନ କାର୍ଯ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ। ସେହିପରି ବୋଲଗଡ଼ ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ବିଧାୟକ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## ■ ଗାଁରୁ ହ୍ରାସ ପାଇଲା ବନ୍ୟାଜଳ

# ଚାଷ ଜମିରେ ଲହଡି ମାରୁଛି

### ଚିନ୍ତାରେ ଚାଷୀ, ବଢ଼ିଲା ଦୁର୍ଦ୍ଦଶା

**ଖୋର୍ଦ୍ଧା ଅଫିସ,୧୮।୮:**

ବନ୍ୟା ପ୍ରଭାବିତ ଅଞ୍ଚଳ ଖୋର୍ଦ୍ଧା ଜିଲାର ଓରବରସିଂ ଓ ନରଣଗଡ ପଞ୍ଚାୟତରେ ୧୩ଟି ଗାଁରେ ବନ୍ୟାଜଳ ହ୍ରାସ ପାଇଛି। ସ୍ଥାନୀୟ ଲୋକଙ୍କ ଯାତାୟାତ ସ୍ୱାଭାବିକ ହୋଇଛି। ତେବେ ଚାଷଜମିରୁ ପାଣି ଜମି ରହିବା ଚାଷୀଙ୍କୁ ଚିନ୍ତାରେ ପକାଇଛି। ସେହିପରି ବନ୍ୟା ଜଳ ହ୍ରାସ ପାଇବା ପରେ ଦୁର୍ଦ୍ଦଶା ବଢ଼ିଛି। ସବୁ ଅଞ୍ଚଳରେ ସ୍ୱାସ୍ଥ୍ୟ ବିଭାଗୀୟ କର୍ମଚାରୀଙ୍କ ପାଦ ପଡିନି। କେତେଜଣ ଲୋକଙ୍କୁ ଥଣ୍ଡା, କାଶ ଓ ଜ୍ୱର ହେବା ପରି ଲକ୍ଷଣ ପ୍ରକାଶ ପାଇଲାଣି। ଅନ୍ୟପକ୍ଷେ ବନ୍ୟା ଯୋଗୁ ପାଣି ପ୍ରଦୂଷିତ ମଧ୍ୟ ହୋଇଯାଇଛି। ବ୍ଲିଚିଂ ପାଉଡର ପକାଇବାର ଆବଶ୍ୟକତା ପଡିଛି।

### ଗୋଖାଦ୍ୟ ଦରକାର



ଧାନ ଜମିରେ ପାଣି ଲହଡି ମରୁଛି। ୪ ଦିନ ହେଲା ଗୃହ ପାଳିତ ପ୍ରାଣୀମାନେ ଖାଇବାକୁ ପାଉନାହାନ୍ତି। ସେମାନଙ୍କ ପାଇଁ ଗୋଖାଦ୍ୟ ଆବଶ୍ୟକତା ରହିଥିବାବେଳେ ପ୍ରଶାସନ ପୂରା ଭୁଲିଗଲା। ସେହିପରି ଚଳିତ ବନ୍ୟା ସମ୍ପର୍କରେ ସ୍ଥାନୀୟ ଲୋକ ଅବଗତ ନ ଥିଲେ। ହଠାତ୍ ଗୁରୁବାର ସନ୍ଧ୍ୟାରେ ବନ୍ୟାଜଳ ମାଡି ଆସିଥିଲା। ନିମିଷକ ମଧ୍ୟରେ ଜମି, ଘର ଦ୍ୱାରା ଚାରିଆଡ ଜଳମଗ୍ନ ହୋଇଗଲା। ଧାନ ଫସଲ ଉପରେ ୪ଦିନ ହେଲା ପାଣି ରହିଲାଣି। ଏପରି ଅବସ୍ଥା ଆଉ ଦୁଇଦିନ ଲାଗି ରହିଲେ ଧାନ ଫସଲ ନଷ୍ଟ ହୋଇଯିବ।

**-ସଞ୍ଜୟ ରାଉସିଂହ, ସରପଞ୍ଚ ଓରବରସିଂହ।**

### ମୁହଁ ଖୋଲିଲେ ମିଳୁନି ସହାୟତା



ବାତ୍ୟା ଫନୀରେ ଘର ଭାଙ୍ଗିଲା। ଘର ଭଙ୍ଗା ସହାୟତା ମିଳିଲାନାହିଁ। ଯେଉଁମାନଙ୍କର ଘର ଭାଙ୍ଗିନି ସେମାନେ ସହାୟତା ପାଇଲେ। ପ୍ରତିବାଦ କରିବାରୁ ସହାୟତା ଦିଆଗଲାନି। ଏବେ ପୁଣି ବର୍ଷା ନ ଥାଇ ଆମ ଅଞ୍ଚଳରେ ଦୟା ଓ ରାଜୁଆ ନଦୀର ବନ୍ୟା ଜଳ ଯୋଗୁ ବନ୍ୟା ହେଲା। ବନ୍ୟାଜଳରେ ଆମ ଅଞ୍ଚଳର ଲୋକେ ୨ରୁ ୩ଦିନ ପାଣି ଘେରରେ ରହିଲେ। ହେଲେ ସବୁ ଗାଁକୁ ରନ୍ଧା ଖାଦ୍ୟ ଦିଆଗଲାନି। ଯେଉଁ ୩ଟି ଗାଁକୁ ଦିଆଯାଇଛି ତାହା ମାତ୍ର ୨ ଓଳି ପାଇଁ ଦିଆଗଲା।

**-ସତ୍ୟଭାମା ଜଗଦେବ, ଓରବରସିଂହ**

### ବନ୍ୟା ମେରୁଦଣ୍ଡ ଭାଙ୍ଗି ଦେଉଛି



ନିକଟରେ ରାଜୁଆ, ଦୟା ଓ ମଳାଗୁଣୀ ନଦୀ ପ୍ରବାହିତ। ତେବେ ଆମ ଅଞ୍ଚଳରେ ଜଳସେଚନର ସୁବିଧା ନାହିଁ। ପ୍ରତିବର୍ଷ ଖରିଫ ଋତୁରେ ବନ୍ୟା ପାଣି ଲାଗି ଧାନ ଫସଲ ନଷ୍ଟ ହେଉଛି। ତେବେ ସରକାରୀ ସହାୟତା ସ୍ୱପ୍ନ। ଚଳିତବର୍ଷ ରୁଆ ଧାନ ପୁରା ଉଜୁଡିଗଲା। ଧାନ ବୁଣା ହୋଇଥିବା ଜମିରୁ କିଛି ଅମଳ ହେବାର ଆଶା କରାଯାଉଛି। ଯଦି ବିଲରୁ ପାଣି ଡେରିରେ ଛାଡିବ ଆଶା କରିବା ନିରର୍ଥକ। ଯଦି ଦିନେ ଦୁଇଦିନ ଭିତରେ ପାଣି ଛାଡିଯିବ ପଟୁ ମାଟି ଯୋଗୁ ଭଲ ଫସଲ ହୋଇପାରେ। ମୋଟାମୋଟି ଭାବେ ବନ୍ୟା ମେରୁଦଣ୍ଡ ଭାଙ୍ଗି ଦେଉଛି ଚାଷୀଙ୍କର।

**-ସର୍ବେଶ୍ୱର ସିଂ, ହିରିମୂଳ**

### ବନ୍ୟା ଲାଭ ଓ କ୍ଷତି କରିଛି



ଅଗଷ୍ଟରେ ବନ୍ୟା କିଛି ଧାନ ଫସଲ ପାଇଁ ଲାଭଦାୟକ ଓ ଅନ୍ୟ କେତେକ ପାଇଁ କ୍ଷତିର କାରଣ ପାଲଟିବ। ରୁଆ, ବେଉଷଣ ଜମି ବେଶି କ୍ଷତିଗ୍ରସ୍ତ ହୋଇଛି। ଏହି ଜମିରେ ସାର ପଡି ସାରିଥିଲା। ଚାଷୀଙ୍କୁ କ୍ଷତିପୂରଣ ମିଳିବ ବୋଲି କୁହାଯିବ। କିନ୍ତୁ ମିଳିବନି। ବିଭିନ୍ନ ବାତ୍ୟା ଓ ବନ୍ୟା ପରେ ଚାଷୀ ଉପେକ୍ଷିତ ହୋଇଛି। ଅନ୍ୟପକ୍ଷେ ଯେଉଁ ଜମିରେ ପାଣି ଜମି ଛାଡି ଯାଇଛି ସେଗୁଡିକ ଭଲ ଫସଲ ହେବ ସନ୍ଦେହ ନାହିଁ।

**-ସଦାନନ୍ଦ ସାମନ୍ତରାୟ, ମାନପୁର**

### ଗରିବ ବିପନ୍ନ ଉପେକ୍ଷିତ



ବାତ୍ୟା ଫନୀ ପରେ ଭଙ୍ଗା ଘରେ ରହିଛୁ। ଘର ନିର୍ମାଣ ପାଇଁ ସହାୟତା ମିଳିଲାନାହିଁ। ଏବେ ମୋ ପରି ଆମ ଧବଳେଇ ଗାଁରେ ବହୁ ଲୋକଙ୍କ ଘର ଭିତରେ ପାଣି ଜମି ରହିଥିଲା। ରୋଷେଇ କରିବା କଷ୍ଟ ହେଲା। ଭଙ୍ଗା ଘରେ ରହିଲୁ। ତଥାପି ସହାୟତା କି ରିଲିଫ ନାହିଁ। ବାତ୍ୟା ଓ ବନ୍ୟା ସବୁବେଳେ ଆମକୁ କ୍ଷତିଗ୍ରସ୍ତ କରି ଚାଲିଛି। ହେଲେ ଆମର ଅସୁବିଧା, କ୍ଷତିକୁ ସରକାର ଓ ପ୍ରଶାସନ ଜାଣି ପାରୁନାହାନ୍ତି। ଧାନରେ ଫସଲଠାରୁ ଆରମ୍ଭ କରି ଘରର ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ବାତ୍ୟା ଓ ବନ୍ୟା ଦ୍ୱାରା କ୍ଷତି ହେଉଥିଲେ ମଧ୍ୟ ପ୍ରତିକାର ନାହିଁ।

**-ମାମିନା ଭୂୟାଁ, ଧବଳେଇ**



❝ ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଉଥାଏ,
ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲ୍‌ଟନ୍



## ସଂକ୍ଷେପରେ

### ଭାଉଜଙ୍କୁ ବଳାତ୍କାର ଉଦ୍ୟମ, ଜେଲ ଗଲେ ଦିଅର

**ଗୋପ,୧୮।୮(ଡି.ଏନ୍.ଏ.):** ଭାଉଜଙ୍କୁ ବଳାତ୍କାର ଉଦ୍ୟମ କରି ଦିଅରଙ୍କୁ ଜେଲ ଯିବାକୁ ପଡ଼ିଛି। ଘଟଣା ଘଟିଛି ପୁରୀ ଜିଲା ଗୋପ ବ୍ଲକ ଅଞ୍ଚଳରେ। ଶନିବାର ଭାଉଜଙ୍କ ଅଭିଯୋଗକୁ ନେଇ ଗୋପ ଥାନାରେ କେସ୍ ନଂ. ୧୦୯/୧୯ ରୁଜୁ କରାଯାଇ ପୋଲିସ ଦିଅରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ପଠାଇ ଦିଆଯାଇଛି। ଗୋପ ଥାନା ଅଧୀନ ଏକ ଗ୍ରାମରେ ଅଭିଯୋଗ ଆଣିଥିବା ମହିଳା ତାଙ୍କ ପରିବାର ସହ ରୁହନ୍ତି। ସ୍ୱାମୀ ବାହାରେ କାର୍ଯ୍ୟ କରୁଥିବାବେଳେ ମହିଳା ଜଣଙ୍କ ଘରେ ରୁହନ୍ତି। ମାତ୍ର ବଡ଼ ଭାଇ ନ ଥିବାର ସୁଯୋଗ ନେଇ ଦିଅର ତାଙ୍କୁ ୫ବର୍ଷ ଧରି ବଳାତ୍କାର ଉଦ୍ୟମ କରୁଥିଲେ। ପରିବାରର ମାନ ସମ୍ମାନ ଦୃଷ୍ଟିରୁ ଏହି ଘଟଣା ଲୋକଲୋଚନକୁ ଆସୁ ନ ଥିବାବେଳେ ଶନିବାର ଅଭିଯୁକ୍ତ ବାରମ୍ବାର ଭାଉଜଙ୍କୁ ବଳାତ୍କାର କରିବାକୁ ଚେଷ୍ଟା କରିଥିଲା। ଭାଉଜଙ୍କ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତ ଦିଅରଙ୍କୁ ଥାନାକୁ ଆଣି ପଚରା ଉଚରା ପରେ ଗିରଫ କରିଥିଲା। ଏ ସମ୍ପର୍କରେ ଥାନାଧିକାରୀ ସୁଧୀର ରଞ୍ଜନ ସାହୁଙ୍କୁ ପଚାରିବାରେ ଅଭିଯୋଗକୁ ନେଇ ମକଦ୍ଦମା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇ ତଦନ୍ତ ଚାଲିଛି ବୋଲି ସେ କହିଥିଲେ।

### ସୁରକ୍ଷା ଦାବି କଲେ ବ୍ୟବସାୟୀ

**ନିମାପଡ଼ା,୧୮।୮(ଡି.ଏନ୍.ଏ.):** ନିମାପଡ଼ାର ନରେନ୍ଦ୍ର ସାହୁ ନାମକ ଜଣେ ବ୍ୟବସାୟୀଙ୍କୁ ଗତ ୧୧ତାରିଖରେ ୩ଜଣ ଲୁଟେରା ମାଡ଼ମାରିବା ସହ ବନ୍ଧୁକ ଦେଖାଇ ନଗଦ ୨ଲକ୍ଷ ଟଙ୍କା, ୨୫ଗ୍ରାମର ସୁନାଚେନ ଓ ଏକ ଦାମୀ ମୋବାଇଲ ଲୁଟି ନେଇଯାଇଥିଲେ। ଏହି ଲୁଟ ଯୋଗୁ ନିମାପଡ଼ାର ବ୍ୟବସାୟୀମାନେ ଆତଙ୍କିତ ହୋଇପଡିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଲୁଟେରାଙ୍କୁ ତୁରନ୍ତ ଗିରଫ କରିବା ସହ ବ୍ୟବସାୟୀଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ନିମାପଡ଼ା ବ୍ୟବସାୟୀ ସଂଘ ପକ୍ଷରୁ ସ୍ଥାନୀୟ ପୋଲିସ କର୍ତ୍ତୃପକ୍ଷଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହାସହ ବିଭିନ୍ନ ନିଶା କାରବାର କରି ଲୁଟତରାଜ କାର୍ଯ୍ୟକୁ ବନ୍ଦ କରିବା, ବେପରୁଆ ଭାବେ ଗାଡିଚଳାଉ ଥିବା ବ୍ୟକ୍ତି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା, ପୋଲିସ ପକ୍ଷରୁ ରାତ୍ର ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କଡାକଡି କରିବା ଆଦି କେତେକ ବିଷୟରେ ମଧ ସଂଘ ପୋଲିସକୁ ଜଣାଇଛି। ଏ ନେଇ ସଂଘ ସଭାପତି ପଦ୍ମଚରଣ ସାହୁ, ସହ ସମ୍ପାଦକ ଶ୍ରୀକାନ୍ତ କୁମାର ସାହୁ, ରଘୁନାଥ ସାହୁ ପ୍ରମୁଖଙ୍କ ନେତୃତ୍ୱରେ ସଂଘର ଏକ ପ୍ରତିନିଧିମଣ୍ଡଳୀ ନିମାପଡ଼ା ଥାନା ଆଇଆଇସି ଜନାର୍ଦ୍ଦନ ପାଢ଼ୀଙ୍କ ସହ ଆଲୋଚନା କରିଛନ୍ତି। ସ୍ଥାନୀୟ ପୋଲିସ କର୍ତ୍ତୃପକ୍ଷ ଏ ଦିଗରେ ତୁରନ୍ତ ବିହୀତ ପଦକ୍ଷେପ ଗ୍ରହଣ କରାଯିବାକୁ ବ୍ୟବସାୟୀ ସଂଘ ପକ୍ଷରୁ ଦାବି ହୋଇଛି।

### ଆହତ ଛାତ୍ରୀଙ୍କୁ ସହାୟତା

**ପିପିଲି,୧୮।୮(ଡି.ଏନ୍.ଏ.):** ଏକ ସଡ଼କ ଦୁର୍ଘଟଣାରେ ଗୋଟିଏ ହାତ ହରାଇଥିବା କଲେଜ ଛାତ୍ରୀ ନମିତା ପ୍ରଧାନଙ୍କୁ ପିପିଲି ହାଇସ୍କୁଲ ୨୦୦୦ ବ୍ୟାଚ୍‌ର ଛାତ୍ରୀଛାତ୍ର ସହଯୋଗର ହାତ ବଢ଼ାଇଛନ୍ତି। ସେମାନଙ୍କୁ ଦ୍ୱାରା ସଂଗୃହୀତ ୧୫ହଜାର ଅର୍ଥ ନମିତାଙ୍କ ମା'ଙ୍କୁ ପ୍ରଦାନ କରିଛନ୍ତି। ପିପିଲି ବ୍ଲକ ଦାଣ୍ଡମୁକୁନ୍ଦପୁର ଗ୍ରାମର ନମିତା ପ୍ରଧାନ ପିପିଲି କଲେଜରେ ଯୁକ୍ତ୩ରେ ଅଧ୍ୟୟନ କରନ୍ତି। କ୍ଲାସ୍ ସାରି ସାଙ୍ଗ ମାନଙ୍କ ସହ ଘରକୁ ଫେରୁଥିବାବେଳେ ହାଟ ଛକ ଠାରେ ଏକ ଟ୍ରକ୍ ଧକ୍କାରେ ତାଙ୍କର ଗୋଟିଏ ହାତର ପାପୁଲି ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିଲା। ଘରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ତାଙ୍କୁ ଅନେକ ବଦାନ୍ୟ ବ୍ୟକ୍ତି ଓ ସଂଗଠନ ସହାୟତାର ହାତ ବଢାଇଛନ୍ତି।

## ■ ପୁରୀ ସମୁଦ୍ରରେ ମିଶୁଛି ଆବର୍ଜନା ଜଳ

# ସୌନ୍ଦର୍ଯ୍ୟ ହରାଉଛି ବେଳାଭୂମି

**ପୁରୀ ଅଫିସ, ୧୮।୮**

ପୂର୍ବ ଭାରତର ଏକ ମନୋରମ ବେଳାଭୂମି ପୁରୀ। ସମୁଦ୍ରର ମନଲୋଭା ନୀଳ ଜଳରାଶି ଓ ବେଳାଭୂମିର ପ୍ରାକୃତିକ ସୌନ୍ଦର୍ଯ୍ୟ ଏହାକୁ ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେଇଛି। ପ୍ରତିଦିନ ଦେଶବିଦେଶର ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ବେଳାଭୂମି ବୁଲିବା ସହ ସମୁଦ୍ର ସ୍ନାନ କରିବାର ମଜା ନେଇଥାନ୍ତି। କିନ୍ତୁ ପୁରୀ ସମୁଦ୍ର ଧୀରେ ଧୀରେ ପ୍ରଦୂଷିତ ହେବାରେ ଲାଗିଛି। ପ୍ରଶାସନର ଆଢୁଆଳରେ କେତେକ ହୋଟେଲ ବର୍ଜ୍ୟଜଳ ବେଳାଭୂମିରେ ଛାଡୁଥିବାବେଳେ ସିଧାସଳଖ ତାହା ସମୁଦ୍ରରେ ମିଶୁଛି। ସେହିପରି ବାଙ୍କୀ ମୁହାଣ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଠିକ୍ ଭାବେ କାର୍ଯ୍ୟକ୍ଷମ କରୁ ନ ଥିବାବେଳେ ମଙ୍ଗଳା ମୁହାଣ ଦେଇ ଆବର୍ଜନା ଜଳ ମଙ୍ଗଳା ନଦୀ ଏବଂ ସମୁଦ୍ରରେ ମିଶୁଛି। ଫଳରେ ଦିନକୁ ଦିନ ସୌନ୍ଦର୍ଯ୍ୟ ହରାଉଛି ପୁରୀ ବେଳାଭୂମି।

ଦିଗବାରିଣୀ ଛକଠାରୁ ସାତଲହଡ଼ି ମଠ ପର୍ଯ୍ୟନ୍ତ ବେଳାଭୂମିରେ ପ୍ରତ୍ୟହ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ଏହାସହିତ ଏହି ଅଞ୍ଚଳରେ ଉଠାଦୋକାନୀ ବସୁଛନ୍ତି। ତେଣୁ ଗହଳିକୁ ପସନ୍ଦ କରୁ ନ ଥିବା ପର୍ଯ୍ୟଟକଙ୍କ ଆକର୍ଷଣ ପାଲଟୁଛି ମଙ୍ଗଳା ନଦୀ ମୁହାଣ ଅଞ୍ଚଳ। ପର୍ଯ୍ୟଟକମାନେ ମୁହାଣକୁ ଯାଇ ପ୍ରାକୃତିକ ଦୃଶ୍ୟ ଉପଭୋଗ କରିଥାନ୍ତି। କିନ୍ତୁ ଏବେ ବିଗିଡ଼ିଯାଇଛି ମଙ୍ଗଳା ମୁହାଣର ଚିତ୍ର। ସହରର ବିଭିନ୍ନ ହୋଟେଲରୁ ବର୍ଜ୍ୟଜଳ ସେଠାରେ ପଡୁଥିବାରୁ ଏହି ଅଞ୍ଚଳର ପରିବେଶ ପ୍ରଦୂଷିତ ହେଉଛି। ଡ୍ରେନ୍ ମୁହଁରେ ପଲିଥିନ ଓ ପ୍ଲାଷ୍ଟିକ୍ ସାମଗ୍ରୀ ମଧ ଗଦା ହୋଇଛି। ନିକଟସ୍ଥ ଏକ ହୋଟେଲ ବାଲି ଭିତରେ ପାଇପ ଯୋଗେ ବର୍ଜ୍ୟଜଳ ମଙ୍ଗଳା ନଦୀକୁ ଛାଡୁଛି।



ହୋଟେଲର ବର୍ଜ୍ୟ ଜଳ ସମୁଦ୍ରରେ ମିଶୁଛି।

ସମୁଦ୍ର କୂଳରେ ଡ୍ରେନେଜ ବିଭାଗ ପକ୍ଷରୁ ବର୍ଷାଜଳ ନିଷ୍କାସନ ଲାଗି ନଳା ନିର୍ମାଣ ହୋଇଛି। ଏହି ନଳାର ଗୋଟିଏ ଜଳ ନିଷ୍କାସନ ପଥ ବାଙ୍କୀ ମୁହାଣଠାରେ ରହିଛି। ୨୦୧୭ରେ ଅନ୍ୟ ଏକ ଜଳ ନିଷ୍କାସନ ପଥ ନିର୍ମାଣ କରାଯାଇ ମଙ୍ଗଳା ନଦୀ ମୁହାଣଠାରେ ମିଶାଯାଇଛି। କିନ୍ତୁ ବର୍ଷାଜଳ ନିଷ୍କାସନ ନଳା ଏବେ ସ୍ୱେରେଜରେ ପରିଣତ ହୋଇଛି। କେତେଜଣ ହୋଟେଲ ମାଲିକ ସେମାନଙ୍କ ହୋଟେଲରୁ ବାହାରୁଥିବା ବର୍ଜ୍ୟଜଳକୁ ଏହି ନଳା ସହିତ ସଂଯୋଗ କରିଦେଇଛନ୍ତି। ସହରର ବର୍ଜ୍ୟଜଳ ମଧ ଏଥିରେ ଛଡ଼ାଯାଉଛି। ଫଳରେ ମଙ୍ଗଳାମୁହାଣଠାରେ ଆବର୍ଜନା ଜଳ ମଙ୍ଗଳା ନଦୀ ଓ ସମୁଦ୍ରରେ ମିଶୁଛି। ଗତ କିଛିଦିନ ଧରି ଚୈତନ୍ୟ ଛକ ନିକଟରେ ଡ୍ରେନ୍ ପାଣି ସମୁଦ୍ରରେ ଯାଇ ମିଶୁଥିଲେ ମଧ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉନାହିଁ। ପ୍ରତିଦିନ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ପ୍ରଶାସନିକ ଅଧିକାରୀ 'ମୋ ବିଚ୍ କାର୍ଯ୍ୟକ୍ରମ'ରେ ବେଳାଭୂମି ସଫେଇ କରୁଛନ୍ତି। ହେଲେ ବେଳାଭୂମିରେ ଡ୍ରେନ୍ ପାଣିର ସୁଅ ଛୁଟିବାକୁ କେହି ଗୁରୁତର ସହ ନେଉ ନ ଥିବା ଏଥିରୁ ସ୍ପଷ୍ଟ ହେଉଛି।

# ମେଡିକାଲ କଲେଜ, ରେଳ ଓଭରବ୍ରିଜ ନିର୍ମାଣ ଦାବି



ବୈଠକରେ ପୁରୀ ଜିଲା ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀ ସଂଘର ସଦସ୍ୟମାନେ।

**ପୁରୀ ଅଫିସ, ୧୮।୮**

ପୁରୀ ଜିଲା ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀ ସଂଘର ସାଧାରଣ ବୈଠକ ରବିବାର ସ୍ଥାନୀୟ ଅବକାଶଲେନ୍‌ସ୍ଥିତ ଭୁବନେଶ୍ୱରୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ଲକ୍ଷ୍ମୀଧର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଦିବଙ୍ଗତ ସଦସ୍ୟ କୈଳାସନାଥ ରଥଙ୍କ ବିୟୋଗରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସେପ୍ଟେମ୍ବର ୫ରେ ସଂଘର ବାର୍ଷିକ ଉତ୍ସବ ଓ ଗୁରୁ ଦିବସ ସମାରୋହ ପାଳନ କରାଯିବ। ଏଥିରେ ଜିଲାର ୧୦ଜଣ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସମ୍ମାନିତ କରାଯିବ। ନିକଟରେ ରାଜ୍ୟ ସରକାରଙ୍କ ସୁପାରିସ କ୍ରମେ କେନ୍ଦ୍ର ସରକାର ରାଜ୍ୟ ପ୍ରଶାସନିକ ନ୍ୟାୟାଧିକରଣ (ସ୍ୟାଟ୍)କୁ ଉଚ୍ଛେଦ କରିଛନ୍ତି। ଏହାଦ୍ୱାରା ରାଜ୍ୟର ସରକାରୀ ଶିକ୍ଷକ, କର୍ମଚାରୀ ତ୍ୱରିତ ନ୍ୟାୟ ପାଇବାରୁ ବଞ୍ଚିତ ହେବେ। ସରକାର ଏହାର ବିକଳ୍ପ ବ୍ୟବସ୍ଥା କରନ୍ତୁ ବୋଲି ସଂଘ ସମ୍ପାଦକ ବିଶ୍ୱନାଥ ବେହେରା ଦାବି କରିଛନ୍ତି। ବାଲିଗୁଆଳିଠାରେ ପ୍ରସ୍ତାବିତ ମେଡିକାଲ କଲେଜ ଓ ସିଦ୍ଧ ମହାବୀର ରେଳଓଭରବ୍ରିଜ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଲାଗି ବୈଠକରେ ଦାବି ହୋଇଛି। ବାତ୍ୟାରେ ଷ୍ଟେଶନବଜାରସ୍ଥିତ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତି ଭାଙ୍ଗିପଡ଼ିଥିଲା। ଏହାକୁ ପୁନଃ ନିର୍ମାଣ ଲାଗି ଦାବି କରାଯାଇଛି। ଏହି ଅବସରରେ ଏସ୍‌ସିଏସ୍ କଲେଜର ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମୀଧର ମିଶ୍ର, ଚାରୁଲତା ମିଶ୍ର, ରାଜକିଶୋର ପରିଡ଼ା, ବାଲୁଙ୍କେଶ୍ୱର ନାୟକ, କପିଳେଶ୍ୱର ସାହୁ ଓ ରବିନ୍ଦ୍ର ନାଥ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷାବିତ୍ ଅଦ୍ୱୈତ ଚରଣ ଧଳ, ବିପିନ କୁମାର ସେନ, ବ୍ରହ୍ମାନନ୍ଦ ଦାସ, ସଦାଶିବ୍ ମିଶ୍ର ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ■ ସବୁଜିମା ପାଇଁ ବ୍ୟକ୍ତିଗତ ଉଦ୍ୟମ

# ଚାରା ପ୍ରସ୍ତୁତ କରି ଲଗାଉଛନ୍ତି ସତ୍ୟନାରାୟଣ

**ପୁରୀ ଅଫିସ, ୧୮।୮**

ଗଛଟିଏ ମଣିଷ ପାଇଁ କେତେ ମୂଲ୍ୟବାନ ତାହା ସମସ୍ତେ ହୃଦୟଙ୍ଗମ କରିପାରି ନ ଥାନ୍ତି। ହେଲେ ଯିଏ ଗଛର ମହତ୍ତ୍ୱକୁ ବୁଝିଛି ଏବଂ ଗୁରୁତ୍ୱ ଉପଲବ୍ଧି କରିଛି ତା'ର ବୃକ୍ଷଲତା ପ୍ରତି ଦୁର୍ବଳତା ରହିବ। ନିଜେ ଲଗାଇଥିବା ଚାରାଟିଏ ବଢି ଯେତେବେଳେ ବଡ଼ ଗଛରେ ପରିଣତ ହୁଏ ସେତେବେଳେ ସେହି ବ୍ୟକ୍ତି ସବୁଠୁ ଅଧିକ ଖୁସି ହୁଏ। ଏହିଭଳି ଜଣେ ବ୍ୟକ୍ତି ହେଉଛନ୍ତି ପୁରୀର ସତ୍ୟନାରାୟଣ ଦାଶ। ଇଣ୍ଟେରିୟର ଡେକୋରେଶନ କ୍ଷେତ୍ରରେ ରୁଚି ରଖିଥିବା ବୃକ୍ଷପ୍ରେମୀ ସତ୍ୟନାରାୟଣ ନିଜସ୍ୱ ଖର୍ଚ୍ଚରେ ଚାରା ପ୍ରସ୍ତୁତ କରି ରୋପଣ କରିଥାନ୍ତି।



ଚାରା ରୋପଣ କରୁଛନ୍ତି ସତ୍ୟନାରାୟଣ।

ଫନୀ ବାତ୍ୟାରେ ବହୁ ଗଛ ଭାଙ୍ଗିଯାଇ ପୁରୀ ସହର ଶ୍ରୀହୀନ ହୋଇପଡ଼ିଛି। ତେଣୁ ସବୁଜିମା ଫେରାଇ ଆଣିବା ଲାଗି ଛୋଟିଆ ଉଦ୍ୟମ ଆରମ୍ଭ କରିଛନ୍ତି ସତ୍ୟନାରାୟଣ। ନିଜେ ଚାରା ପ୍ରସ୍ତୁତ କରି ବିଭିନ୍ନ ସ୍ଥାନରେ ରୋପଣ କରୁଛନ୍ତି। କିଛିଦିନ ତଳେ ପୁରୀ ସରକାରୀ ମହିଳା ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନେଇ ଏହା ପରିସରରେ ଜାମୁକୋଳି, ମେହେଙ୍ଗା କୋଳି, ନରକୋଳି, ସୁଗନ୍ଧରାଜ, ନାଗଲିଙ୍ଗ ଚାରା ରୋପଣ କରିଛନ୍ତି। ଗତ କିଛିବର୍ଷ ହେଲା ସେ ଏଭଳି କାର୍ଯ୍ୟ ଜାରି ରଖିଛନ୍ତି। ସ୍ୱର୍ଣ୍ଣଭାରତ ଅଭିଯାନରେ ସେ ୨୩ଟି ରାଜ୍ୟର ବିଭିନ୍ନ ଧର୍ମାନୁଷ୍ଠାନ, ଶିକ୍ଷାନୁଷ୍ଠାନ ଓ ସର୍ବସାଧାରଣ ସ୍ଥାନରେ ଚାରା ରୋପଣ କରିଛନ୍ତି। ଏହି ଅଭିଯାନ ଦେଶରେ ସାମାଜିକ ସେବା କ୍ଷେତ୍ରରେ ଓଡ଼ିଆ ଜାତି ପାଇଁ ଭିତ୍ତିଭୂମି ସୁଦୃଢ କରିବ ବୋଲି ସତ୍ୟନାରାୟଣ କହିଛନ୍ତି।

# ସ୍ଥାୟୀ ଜମିପଟ୍ଟା ପ୍ରଦାନ ପାଇଁ ମନ୍ତ୍ରୀଙ୍କୁ ଦାବିପତ୍ର

**କୋଣାର୍କ, ୧୮।୮(ଡି.ଏନ୍.ଏ.)**

କୋଣାର୍କ ସମେତ ୧୦ଗୋଟି ରାଜସ୍ୱ ଗ୍ରାମର ଜନସାଧାରଣଙ୍କୁ ସ୍ଥାୟୀ ଜମିପଟ୍ଟା ପ୍ରଦାନ କରିବା ପାଇଁ କାକଟପୁର ବିଧାୟକ ତଥା କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ଭୂସୁରକ୍ଷା କ୍ରିୟାନୁଷ୍ଠାନ କମିଟିର ଏକ ପ୍ରତିନିଧି ଦଳ ଆଲୋଚନା କରିବା ସହ ରବିବାର ଦାବିପତ୍ର ପ୍ରଦାନ କରିଛନ୍ତି। କମିଟିର ଆବାହାକ ତଥା ପୂର୍ବତନ କାଉନସିଲର ସୁକାନ୍ତ କୁମାର ମହାନ୍ତିଙ୍କ ନେତୃତ୍ୱରେ କମିଟିର ସଦସ୍ୟ ଦିବାକର ନାୟକ, ନିରଞ୍ଜନ ସାହୁ, ଜ୍ଞାନରଞ୍ଜନ ନାୟକଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତାଙ୍କ ସମେତ ମାଧିପୁର, ବେରୁହଁ, ଭୂଆଁ, ଖାଲକଟା ପାଟଣା, ତରକୋର, ବାଙ୍ଗର ବରପଦା, ଗଡବାଙ୍ଗର, ଜୁଣେଇଁ ଓ ରଣପଡା ଆଦି ମୌଜାର ଲୋକଙ୍କୁ ତୁରନ୍ତ ଜମିପଟ୍ଟା ପ୍ରଦାନ କରିବା ପାଇଁ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ବେହେରା ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ସହ ଆଲୋଚନା କରି ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କ୍ରିୟାନୁଷ୍ଠାନ ପ୍ରତିନିଧିଦଳଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

# ସରକାର ଆଲୋଚନା ନ କଲେ ଆନ୍ଦୋଳନ




ପୁରୀ ଜିଲା ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘର ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

**ପୁରୀ ଅଫିସ,୧୮।୮**

ପୁରୀ ଜିଲା ନିଖିଳ ଉତ୍କଳ ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘର କାର୍ଯ୍ୟକାରିଣୀ କମିଟି ବୈଠକ ରବିବାର ସଂଘ ଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାୟୀ ସଭାପତି ସୁବାସ ଚନ୍ଦ୍ର ଦାସ ପୌରୋହିତ୍ୟ କରିଥିଲେ। ସ୍ୱଳ୍ପ ବେତନ ଭୋଗୀ କର୍ମଚାରୀ ମିଳିତ ମଞ୍ଚର ପ୍ରତିନିଧିମାନଙ୍କ ସହିତ ମୁଖ୍ୟମନ୍ତ୍ରୀ ଆଲୋଚନା କରି ୪ ଦଫା ଦାବି ୧ମାସ ମଧ୍ୟରେ ସମାଧାନ କରିବା ଲାଗି ପଦକ୍ଷେପ ଗ୍ରହଣ କରନ୍ତୁ। ନଚେତ ଆସନ୍ତା ସେପ୍ଟେମ୍ବର ମାସରେ ଭୁବନେଶ୍ୱରସ୍ଥ ମହାତ୍ମା ଗାନ୍ଧୀ ମାର୍ଗରେ ହଜାର ହଜାର ସଂଖ୍ୟାରେ କର୍ମଚାରୀ ପ୍ରତିନିଧି ଆନ୍ଦୋଳନରେ ସାମିଲ ହୋଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ନିଷ୍ପତ୍ତି ହୋଇଛି। ଦାବିଗୁଡ଼ିକ ମଧ୍ୟରେ ଅବସର ବୟସ ୬୦ରୁ ୬୨ ବର୍ଷ କରାଯିବା, ସପ୍ତମ ବେତନ ହାର ପ୍ରଚଳନରେ ସର୍ବନିମ୍ନ ୧୮ ହଜାର ଟଙ୍କା କରାଯିବା, ସମାନ କାମକୁ ସମାନ ଦରମା ପ୍ରଦାନ, ଖାଲିଥିବା ପଦବୀ ପୂରଣ ଆଦି ରହିଛି। ଏହି ବୈଠକରେ ବିଭାଗୀୟ ମୁଖ୍ୟ ଦପ୍ତର ସଂଘର ସଭାପତି ଗଙ୍ଗାଧର ସ୍ୱାଇଁ, ମିଳିତ ମଞ୍ଚ ଆବାହକ କୈଳାସ ଚନ୍ଦ୍ର ମଲ୍ଲିକ, ବିଭାଗୀୟ ମୁଖ୍ୟ ଦପ୍ତର ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ଦାସ, ନୃସିଂହ ଚରଣ ବାରିକ, କେ. ଆପା ରାଓ, ମନୀନ୍ଦ୍ର ମିଶ୍ର, ପତିତପାବନ ମହାନ୍ତି, ପୁରୀ ଜିଲା କର୍ମକର୍ତ୍ତା କୈଳାସ ଚନ୍ଦ୍ର ମହାରଣା, ଆର୍ତ୍ତତ୍ରାଣ ବାରିକ, କାହ୍ନୁଚରଣ ଦାସ, ଅଶୋକ କୁମାର ଦାସ, ଅର୍ଜ୍ଜୁନୀ ମଲିକ, କୈଳାସ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ■ ସର୍ବଭାରତୀୟ ଆଇସିଏଆର୍ ପରୀକ୍ଷାରେ ଗୋପର ରତ୍ନପର୍ଣ୍ଣା ତୃତୀୟ

# ବାପାଙ୍କ ପ୍ରେରଣା ମୋତେ ସଫଳତା ଦେଇଛି

**ଗୋପ, ୧୮।୮(ଡି.ଏନ୍.ଏ.)**

କୃଷି ଓ ବୈଷୟିକ ଗବେଷଣା ପରୀକ୍ଷାରେ ସର୍ବ ଭାରତୀୟ ସ୍ତରରେ ତୃତୀୟ ସ୍ଥାନ ଦଖଲ କରି ଗୋପ ଅଞ୍ଚଳ ପାଇଁ ସଫଳତା ଆଣିଛନ୍ତି ସେନାପତି ସାହିର ରତ୍ନପର୍ଣ୍ଣା ସେନାପତି। ରତ୍ନପର୍ଣ୍ଣା କଲେଜ ଅଫ୍ ହର୍ଟିକଲ୍‌ଚର୍ ଓୟୁଏଟି, ଚିପିଲିମା ସମ୍ବଲପୁରରେ ଅଧ୍ୟୟନ ଶେଷ କରି ସର୍ବଭାରତୀୟ ଆଇସିଏଆର୍ ପ୍ରବେଶିକା ପରୀକ୍ଷାରେ ଏହି ସଫଳତା ପାଇଛନ୍ତି। ପିଲାବେଳୁ ପାଠପଢ଼ା ପ୍ରତି ରୁଚି ରଖୁଥିବା ରତ୍ନପର୍ଣ୍ଣାଙ୍କ ବାପା ବିଜୟ କୁମାର ସେନାପତି ଓ ଜେଜେ ଈଶ୍ୱର କୁମାର ସେନାପତିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଅଧ୍ୟୟନ କରୁଥିବାବେଳେ କୃଷି କ୍ଷେତ୍ରରେ କିଛି କରାଇ ଦେଖାଇବା ପାଇଁ ନିଜର ଆପ୍ରାଣ ଉଦ୍ୟମ ଜାରି ରଖିଥିଲେ। ଏହି ଖବର ଜଣାପଡ଼ିବା ପରେ ଗୋପ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଥିବାବେଳେ ରତ୍ନପର୍ଣ୍ଣାଙ୍କୁ ଶୁଭେଚ୍ଛାର ବାର୍ତ୍ତା ପହଞ୍ଚିଛି। ଏନେଇ ତାଙ୍କୁ ପଚାରିବାରେ ମୋର ବାପା ଜଣେ ଚାଷୀ ପରିବାରର ହୋଇଥିବାବେଳେ ତାଙ୍କର ପ୍ରେରଣା ମୋତେ ଏହି ସଫଳତା ଦେଇଛି। ଆଗାମୀ ଦିନରେ କୃଷି ଓ କୃଷକମାନଙ୍କର ଉନ୍ନତି ସହ ପ୍ରଶାସନିକ କ୍ଷେତ୍ରରେ ଚେଷ୍ଟା ଜାରି ରଖିବେ ବୋଲି ସେ କହିଥିଲେ।



# ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା

**କଣାସ,୧୮।୮(ଡି.ଏନ୍.ଏ.)**–କଣାସ ବ୍ଲକରେ ୫ମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୨ଟି କେନ୍ଦ୍ରରେ ଏହି ପରୀକ୍ଷା ହୋଇଥିଲା। ସରକାରୀ ଉଚ୍ଚ ବିଦ୍ୟାଳୟ କଣାସ କେନ୍ଦ୍ରରେ ୧୩୦ ଜଣ ଓ ଗ୍ରାମେଶ୍ୱର ବିଶ୍ୱନାଥ ସଂଯୁକ୍ତ ବିଶ୍ୱବିଦ୍ୟାଳୟ ଓହ୍ଲାଣରେ ୧୫୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ୨୧ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ନିରଞ୍ଜନ ପାତ୍ର, ସହ ଶିକ୍ଷାଧିକାରୀ ମୀନକେତନ ସାମନ୍ତରାୟ ପରୀକ୍ଷା ପରିଚାଳନା କରିଥିଲେ। ଶିକ୍ଷକ ପ୍ରକାଶ ଚନ୍ଦ୍ର ବାରିକ ସହଯୋଗ କରିଥିଲେ।

# ପଞ୍ଚସଖା ସ୍ମୃତି ସମାଧିପୀଠ ସଫେଇ, ଚାରାରୋପଣ

**ସାକ୍ଷୀଗୋପାଳ,୧୮।୮(ଡି.ଏନ୍.ଏ./ସ୍ୱ.ପ୍ର.)**

ଅବହେଳିତ ଅବସ୍ଥାରେ ଥିବା ପଞ୍ଚସଖା ସ୍ମୃତି ସମାଧିପୀଠକୁ ରବିବାର ସଫେଇ କରାଯାଇଛି। ଓଡ଼ିଶା ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ବିଜୁ ପଟ୍ଟନାୟକ କମ୍ପ୍ୟୁଟର ଏକାଡେମୀର ସ୍ୱେଚ୍ଛାସେବୀ ମାନେ ପଞ୍ଚସଖା ପୀଠ ଓ ରାସ୍ତାରେ ଉଠିଥିବା ଅନାବନା ଗଛଲତା ସଫେଇ କରି ଫୁଲଗଛ ଏବଂ ବଉଳ ଚାରା ରୋପଣ କରାଯାଇଥିଲା। ବିଜୁପଟ୍ଟନାୟକ କମ୍ପ୍ୟୁଟର ଏକାଡେମୀର ସଭାପତି ସୀତା ବଲ୍ଲଭ ମହାପାତ୍ର ପୂଜ୍ୟପୂଜା ସଂସ୍କୃତି ଅଭିଯାନର ଆବାହକ ପ୍ରଦ୍ୟୁମ୍ନ ଶତପଥୀଙ୍କ ନେତୃତ୍ୱରେ କିଶନ ବରାଇ, ନାରାୟଣ ଓଝା, ଡ. ନିତ୍ୟାନନ୍ଦ ପଟ୍ଟନାୟକ, ବକୁଳବନ ଉତ୍ସବ କମିଟି ସଭାପତି ସଚ୍ଚିକାନ୍ତ ବିଶ୍ୱାଳ, ଭାରତ ବିକାଶ ପରିଷଦର ସଭାପତି ସତ୍ୟବାଦୀ ଦାସ, ସିଏଲସିଟି ପ୍ରଶାନ୍ତ ବିଶ୍ୱାଳ ଓ ଯଯାତି ରାୟ ଓ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେହିପରି ବରାଳ ବାଲୁଙ୍କେଶ୍ୱର ଠାକୁରଙ୍କ ବିଭୂତି ବାଟିକାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଥିଲା। ବେଲ ଚାରାଟିଏ ରୋପଣ କରି ମୁଖ୍ୟ ଅତିଥି ପୁରୀ ଡିଏଫ୍ଓ ହର୍ଷବର୍ଦ୍ଧନ ଉଦ୍‌ଗାତା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସତ୍ୟବାଦୀ ତହସିଲଦାର କସ୍ତୁରୀ ପ୍ରଧାନ, ବିଡିଓ ସରୋଜ କୁମାର ଦତ୍ତ, ଥାନା ଅଧିକାରୀ ସୁଜିତ କୁମାର ଦାସ, ବନ ଅଧିକାରୀ ପ୍ରଦୀପ୍ତ କୁମାର ପଟ୍ଟନାୟକ, ମିଶନ ଓଡ଼ିଶାର କର୍ମକର୍ତ୍ତା ମଧୁସୂଦନ ମିଶ୍ର ଯୋଗଦେଇ ବୃକ୍ଷ ରୋପଣ କରିଥିଲେ। ବିଭୁତି ବାଟିକା ସୁରକ୍ଷା ସମିତି, ବଳପୁର ସଚେତନ ନାଗରିକ ସଂଘ, ସେବା ଓ ସତ୍ୟଛାୟା ଚାରିଟେବୁଲ ଟ୍ରଷ୍ଟର ସଦସ୍ୟମାନେ ହରିଡା, ବାହାଡା, ଅଁଳା, ବଉଳ, ଚନ୍ଦନ ଆଦି ଚାରାରୋପଣ କରିଥିଲେ। ସୁରେଶ ସାହୁ ଓ ପ୍ରଣବ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସଂସ୍କୃତ ସମାରୋହ ଉଦ୍‌ଯାପିତ

**ପୁରୀ ଅଫିସ,୧୮।୮**

ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ, ସଦାଶିବ ପରିସର ପକ୍ଷରୁ ସପ୍ତାହ ବ୍ୟାପୀ ଚାଲିଥିବା ସଂସ୍କୃତ ସମାରୋହ ରବିବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ହରେକୃଷ୍ଣ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ହରେକୃଷ୍ଣ ଶତପଥି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ପ୍ରବୋଧ କୁମାର ମିଶ୍ର, ଡ. ସଚ୍ଚି ରଥ ଏବଂ ପ୍ରଫେସର ଅତୁଲ ନନ୍ଦ ମଞ୍ଚାସୀନ ଥିଲେ। ସଂସ୍କୃତ ହେଉଛି ପ୍ରାଚୀନ ଭାଷା। ବିଶ୍ୱର ଜନନୀ। ସଂସ୍କୃତ ଭାଷାର ବିକାଶରେ ରାଷ୍ଟ୍ରର ବିକାଶ ନିହିତ ରହିଛି। ମାନବୀୟ ମୂଲ୍ୟବୋଧର ପରିଚୟ ହେଉଛି ସଂସ୍କୃତ ବୋଲି ଅତିଥିମାନେ ଉଦ୍‌ବୋଧନରେ କହିଥିଲେ। ପ୍ରଫେସର ଲଳିତ କୁମାର ସାହୁ ଏବଂ ଡ. ଗଣପତି ଶୁକ୍ଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଭୁବନେଶ୍ୱରସ୍ଥିତ ରସାମୃତ ଯୋଗ ନୃତ୍ୟାନୁଷ୍ଠାନର ନିର୍ଦ୍ଦେଶକ କୁମାର ଭୀମସେନଙ୍କ ନେତୃତ୍ୱରେ ନୃତ୍ୟ ଶିଳ୍ପୀ ଆନନ୍ଦୀ ଦାସୀ, ଶାମ ଗୋରାଏ, ଅରୁଣ ପ୍ରଧାନ, ରୋଜାଲିନ ସୁନ୍ଦରାୟ ଓ ଶ୍ରୀୟା ଗାୟତ୍ରୀ ପାଢୀ ପ୍ରମୁଖ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।



ଉତ୍ସବରେ ଅତିଥିମାନେ ପତ୍ରିକା ଉନ୍ମୋଚନ କରୁଛନ୍ତି।

# ବନ୍ୟା ଉଜାଡ଼ିଦେଲା ପରିବା ଚାଷ

**କାକଟପୁର, ୧୮।୮(ଡି.ଏନ୍.ଏ.)**

ଲଘୁଚାପଜନିତ ଲଗାଣ ବର୍ଷା ଓ ଦେବୀ ନଦୀରେ ବନ୍ୟାଜଳ ଆସିବା କାରଣରୁ ଦେବୀ, ପ୍ରାଚୀ, କାଦୁଆ ନଦୀର ପଠାରେ ଚାଷୀମାନେ କରିଥିବା ପନିପରିବା ଚାଷ ଉଜୁଡ଼ି ଯାଇଛି। ଫଳରେ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ୫ବର୍ଷ ପରେ ଦେବୀ ନଦୀ ବିପଦସଙ୍କେତଠାରୁ ଊର୍ଦ୍ଧ୍ୱରେ ପ୍ରବାହିତ ହୋଇଥିଲା। ଫଳରେ ଦେବୀ, ପ୍ରାଚୀ, କାଦୁଆ ପ୍ରଭୃତି ନଦୀରେ ବନ୍ୟାଜଳ ବନ୍ଧକୁ ଲାଗି ପ୍ରବାହିତ ହୋଇଥିଲା। ଫଳରେ ନଦୀ ପଠାରେ ଚାଷୀମାନେ କରିଥିବା କଖାରୁ, ବାଇଗଣ, ଭେଣ୍ଡି, ଲଙ୍କା, ପୋଟଳ, ଛଚିନ୍ଦ୍ରା, ଜହ୍ନି, ଝୁଡ଼ଙ୍ଗ, କଲରା ପ୍ରଭୃତି ପନିପରିବା ବନ୍ୟାଜଳରେ ବୁଡ଼ି ପଚିଶଡ଼ି ଯାଇଛି। ପନିପରିବା ଅମଳ ହେବା ସମୟ ହୋଇଯାଇଥିବାବେଳେ ବନ୍ୟା ସବୁ ଉଜାଡ଼ିଦେଲା ବୋଲି କହିଛନ୍ତି ଅସ୍ତରଙ୍ଗ ନଈଗୁଆଁର ଅମରେଶ ପ୍ରଧାନ, ଗଣ୍ଡାସାହିର ସୁକାନ୍ତ ମଲ୍ଲିକ, ଓସିଆଁ ଗ୍ରାମର ଦୀନବନ୍ଧୁ ଦାସଙ୍କ ସମେତ ବହୁ ଚାଷୀ, ଏ ସମ୍ପର୍କରେ ତହସିଲଦାର ଅଶୋକ କୁମାର ସ୍ୱାଇଁଙ୍କୁ ପଚାରିବାରେ ବନ୍ୟା ପରେ କ୍ଷୟକ୍ଷତିର ରିପୋର୍ଟ ଦେବାକୁ ରାଜସ୍ୱ ନିରୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଛି। ରିପୋର୍ଟ ମିଳିବାପରେ ଯାହା ପଦକ୍ଷେପ ଗ୍ରହଣ କରାଯିବାକଥା କରାଯିବ। ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନେ ୧୦୦ଦିନ ପରେ ବି ଟଙ୍କାଟିଏ କ୍ଷତିପୂରଣ ପାଇ ନ ଥିବାବେଳେ ବନ୍ୟାରେ କ୍ଷତିଗ୍ରସ୍ତ ଚାଷୀମାନେ କେବେ କ୍ଷତିପୂରଣ ପାଇବେ ସେନେଇ ଆଶଙ୍କା ପ୍ରକାଶ କରିଛନ୍ତି।



ଜଳମଗ୍ନ ହୋଇପଡ଼ିଥିବା ଚାଷ ଜମି।